RNI No.ODIODI/2010/33031
୧୭ ବର୍ଷ Volume-17
ISSUE -214 ସଂଖ୍ୟା-୨୧୪
ଭୁବନେଶ୍ୱର, ବୁଧବାର ୧୧ ନଭେମ୍ବର ୨୦୨୬
Bhubaneswar, Wednesday 11 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଅପେକ୍ଷାର ଯୁଗ ଶେଷ, ସବୁ ଯୋଗ୍ୟ ବ୍ୟକ୍ତିଙ୍କୁ ମିଳିବ ପେନସନ: ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୧୦।୧୧(ନି.ପ୍ର.): ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଅପେକ୍ଷାର ଯୁଗ ଶେଷ ହେଲା, ଆରମ୍ଭ ହେଲା ଆପଣମାନଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ। ବାଲେଶ୍ୱର ସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ସମ୍ପୂର୍ଣ୍ଣତାର ଶୁଭାରମ୍ଭ ତଥା ଟଚଗଚ ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଆଉ ୫,୦୫,୮୧୭ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ଫଳରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୪୧,୮୦,୮୨୫କୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୫ ଲକ୍ଷ ଅଧିକ ହିତାଧିକାରୀଙ୍କ ପାଇଁ ବର୍ଷକୁ ମାତ୍ର ୬୨୫ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ। ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ୫୦୦-୬୦୦ କୋଟି ଟଙ୍କା ପାଇଁ ଆମର ଗୁରୁଜନମାନଙ୍କୁ ହନ୍ତସନ୍ତ କରିବା କୌଣସି ଦୃଷ୍ଟିରୁ ଶୋଭନୀୟ ନୁହେଁ ବୋଲି ସେ କହିଥିଲେ।

ଏହି ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ୟୁନିଫାଏଡ ପେନସନ୍ ମ୍ୟାନେଜମେ□ ପୋର୍ଟାଲ୍ (ୟୁପିଏମପି) ପୋର୍ଟାଲ ଉନ୍ମୋଚିତ କରିଥିଲେ। ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଜରିଆରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ଏବଂ ବିଡିଓ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ଆବେଦନ କରିଥିବା ପର ମାସଠାରୁ ନିୟମିତ ଭାବେ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ, ବରଂ ବୟସସୀମା ପୂର୍ଣ୍ଣ ହେଲେ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି



ଦେଇଥିଲେ।

ସୂଚନାଯୋଗ୍ୟ ଯେ ନୂତନ ହିତାଧିକାରୀମାନେ ଅକ୍ଟୋବର ଓ ନଭେମ୍ବର ମାସର ଭତ୍ତା ଏକାଠି ପାଇବେ। ଜିଲ୍ଲା ସ୍ତରରେ ନଭେମ୍ବର ୧୧ ରୁ ୧୩ ଏବଂ ବ୍ଲକ ସ୍ତରରେ ନଭେମ୍ବର ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯେଉଁମାନେ ଏଥିରେ ପାଇବେ ନାହିଁ, ସେମାନେ ନଭେମ୍ବର ୨୫ ତାରିଖରେ ନିଜ ନିଜ ପଞ୍ଚାୟତ ବା ମୁନିସିପାଲିଟି କାର୍ଯ୍ୟାଳୟରୁ ନଗଦ ଭତ୍ତା ଗ୍ରହଣ କରିବେ ଏବଂ ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନିୟମିତ ଭତ୍ତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୩୪୦ କୋଟି ଟଙ୍କାର ୭୦ଟି ଉନ୍ନୟନମୂଳକ ପ୍ରକଳ୍ପର (୭୮ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଉଦ୍ଘାଟନ ଏବଂ ୨୬୨ କୋଟି ଟଙ୍କାର ୪୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର) ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସିଧା ସଳଖ ଭାବେ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀ ପେନସନ ଗ୍ରହଣ କରିଥିଲେ। ଏହା ସହ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ମଧୁବାବୁ ପେନସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ଆଜି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ସେଠାରେ କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ମଧ୍ୟ ରହିଛି। ଏବେ ମହିଳାମାନେ କେବଳ 'ହିତାଧିକାରୀ' ହୋଇ ରହିବେ ନାହିଁ, ସେମାନେ ଉଦ୍ୟୋଗୀ ହେବେ।

ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ପେନସନ କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ମଣିଷର ଆତ୍ମସମ୍ମାନ ଓ ସାମାଜିକ ସୁରକ୍ଷାର ପ୍ରତୀକ। ଆମ ସରକାର ବିଶେଷ କରି ବୃଦ୍ଧ, ଅସହାୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କିପରି ସୁରୁଖୁରୁରେ ମାସିକ ପେନସନ ପ୍ରଦାନ କରାଯିବ ସେ ପ୍ରତି ବିଶେଷ ଭାବରେ ଧ୍ୟାନ ଦେଉଛନ୍ତି।ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ଯେ ଆଜି ବାଲେଶ୍ୱର ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ଅବସର।ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା ବିଭାଗୀୟ କମିଶନର ତଥା ଶାସନ ସଚିବ ଡକ୍ଟର ବୃନ୍ଦା. ଡି ଏବଂ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ।

ଉପଜିଲ୍ଲାପାଳଙ୍କ ସର୍ପରାଇଜ ଭିଜିଟ୍, ଧରାପଡ଼ିଗଲେ କଲେଜ ଅଧ୍ୟକ୍ଷ

ଭୁବନେଶ୍ୱର, ୧୦।୧୧: ଉପଜିଲ୍ଲାପାଳଙ୍କ ସର୍ପରାଇଜ ଭିଜିଟ୍ ବେଳେ ଧରାପଡ଼ିଗଲା କଲେଜ ଅଧ୍ୟକ୍ଷଙ୍କ କାରନାମା। ମଦ ପିଇ ନିଜ କଠୋରୀରେ ବସିଥିଲେ ଅଧ୍ୟକ୍ଷ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାନ୍ଧ ଆଞ୍ଚଳିକ ମହାବିଦ୍ୟାଳୟରେ। କଲେଜର ଅଧ୍ୟକ୍ଷ ଶିଶିର କୁମାର ଦେହୁରୀଙ୍କ ବିରୋଧରେ ବହୁ ଅଭିଯୋଗ ରହିଛି। ବିଭିନ୍ନ ଫୋରମ ପକ୍ଷରୁ ବାରମ୍ବାର ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ସେ ମଦ ପିଇ କଲେଜ ଆସୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ସେହି ଆଧାରରେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି କଲେଜକୁ ଅଚାନକ ପରିଦର୍ଶନରେ ଆସିଥିଲେ। କଲେଜ ପରିଦର୍ଶନ ଆସିଥିବା ବେଳେ ଅଧ୍ୟକ୍ଷଙ୍କ ବ୍ୟବହାର ତାଙ୍କୁ ସ୍ୱାଭାବିକ ଲାଗି ନଥିଲା। ଅଧ୍ୟକ୍ଷ ମଦ ପିଇଛନ୍ତି ନା ନାହିଁ ତାହା ଜାଣିବା ପାଇଁ ଉପଜିଲ୍ଲାପାଳ ନିକଟସ୍ଥ ଫାଣ୍ଡିରୁ ପୁଲିସ କର୍ମଚାରୀଙ୍କୁ ଡକାଇ ଅଧ୍ୟକ୍ଷଙ୍କର ବ୍ରେଥ୍ ଆନାଲାଇଜର୍ ଟେଷ୍ଟ କରିଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ସେ ମଦ ପିଇଥିଲେ। ସେ ଉତ୍ତର ଦେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କାର୍ ଦୁର୍ଘଟଣା ପରେ ହ୍ୱାଇଟ୍ ହାଉସରେ ଲକଡାଉନ୍

ୱାଶିଂଟନ୍,୧୦।୧୧(ନି.ପ୍ର.:): ଆମେରିକାର ରାଷ୍ଟ୍ରପତି ଭବନ ହ୍ୱାଇଟ୍ ହାଉସ୍ ରେ ଲକ୍ ଡାଉନ୍ ଘୋଷଣା କରାଯାଇଛି। ହ୍ୱାଇଟ୍ ହାଉସର ସୁରକ୍ଷା ବଳୟ ନିକଟରେ ଏକ କାର୍ ଦୁର୍ଘଟଣା ପରେ ଲକ୍ ଡାଉନ୍ ଜାରି କରାଯାଇଛି। ସୋମବାର ସକାଳ ପ୍ରାୟ ୧୦ଟା ସମୟରେ ୱାଶିଂଟନ୍ ଡିସିର ଲାଫାୟେଟ୍ ସ୍କ ?ୟାରରେ ନିକଟରେ ଏକ ସେଡାନ୍ କାର୍ ସାଇନ୍ ବୋର୍ଡକୁ ଧକ୍କା ଦେଇଥିଲା। କିଛି ସମୟ ପାଇଁ ସେହି ସ୍ଥାନରେ ଧୂଆଁ ବ୍ୟାପି ଯାଇଥିଲା। ଏହା ପରେ ତୁରନ୍ତ ହ୍ୱାଇଟ୍ ହାଉସକୁ ସୁରକ୍ଷା ବଳୟ ଭିତରେ ରଖା ଯାଇଥିଲା। ଏହି ସମୟରେ ହ୍ୱାଇଟ୍ ହାଉସ୍ ଭିତରେ ଉପସ୍ଥିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉପସ୍ଥିତ ଥିବାରୁ ସୁରକ୍ଷା ଦୃଷ୍ଟିରୁ କିଛି ସମୟ ପାଇଁ ହ୍ୱାଇଟ୍ ହାଉସକୁ ଲକ୍ ଡାଉନ୍ ରେ ରଖାଯାଇଥିଲା। ସିକ୍ରେଟ୍ ସର୍ଭିସ୍ ଅଧିକାରୀ ଓ ନ୍ୟାସନାଲ୍ ଗାର୍ଡ ଯବାନ କାରରେ ଥିବା ଦୁଇ ଜଣ ଯାତ୍ରୀଙ୍କୁ ତୁରନ୍ତ ଗିରଫ କରିଥିଲେ। ଆଉ ଜଣେ ବ୍ୟକ୍ତି ଲାଫାୟେଟ୍ ପାର୍କରେ ଲାଗିଥିବା ବ୍ୟାରିକେଡ୍ ଡେଇଁ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ମଧ୍ୟ ଗିରଫ କରିଛି ସିକ୍ରେଟ୍ ସର୍ଭିସ୍। ଦୁର୍ଘଟଣା କିପରି ଘଟିଲା ସେ ନେଇ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

୧୩ ସୁଦ୍ଧା ଲଘୁଚାପ

ଭୁବନେଶ୍ୱର,୧୦।୧୧(ନିପ୍ର.: ୧୩ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ତା' ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଓଡ଼ିଶା ଉପରେ ଏହାର ବିଶେଷ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳକୁ ବାଦଲ ଆସିପାରେ, କିନ୍ତୁ ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି।

ସେ କହିଛନ୍ତି, ଆଗାମୀ ୭ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାନା ରହିଛି। ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ତା' ସହିତ ଆଗାମୀ ଦୁଇ ତିନି ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ, ଯେପରିକି- ସୁନ୍ଦରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ନୟାଗଡ଼ ଓ କଟକ ଆଦି ଜିଲ୍ଲାଗୁଡ଼ିକରେ ହାଲ୍କାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଗାମୀ ୭ ଦିନ ମଧ୍ୟରେ ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ସମତଳ ଅଞ୍ଚଳଗୁଡ଼ିକୁ ବିଚାରକୁ ନେଲେ ଗତ ୨୪ ଘଣ୍ଟାରେ ସବୁଠୁ କମ୍ ତାପମାତ୍ରା ରେକର୍ଡ କରାଯାଇଥିଲା ଫୁଲବାଣୀରେ। ଏଠାରେ ସର୍ବନିମ୍ନ ତାପମାତ୍ରା ୧୪.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ସେହିପରି ହିଲ୍ ଷ୍ଟେସନଗୁଡ଼ିକ ମଧ୍ୟରେ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ସବୁଠୁ କମ୍ ୧୧.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୪ ଡିଗ୍ରୀ ରହିଥିଲା। କଟକରେ ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୧୭.୪ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୧୮.୫ ଡିଗ୍ରୀ ସେଲ୍ସିୟସ ରହିଥିଲା ବୋଲି କହିଛନ୍ତି ମନୋରମା ମହାନ୍ତି।

ସେ କହିଛନ୍ତି, ମୋଟାମୋଟି ଭାବେ ଏବେ ସ୍ୱାଭାବିକ ତାପମାତ୍ରା ଯେତିକି ରହିବା କଥା ସେତିକି ରହିଛି। କାଁ ଭାଁ ସ୍ଥାନରେ ଏହା ୨ ଡିଗ୍ରୀ ପର୍ଯ୍ୟନ୍ତ ଖସିଛି। ଝାରସୁଗୁଡ଼ା ଓ ହୀରାକୁଦରେ ତାପମାତ୍ରା ଯଥାକ୍ରମେ ୩.୪ ଓ ୩.୨ ଡିଗ୍ରୀ ସେଲ୍ସିୟସ ଖସିଛି। ଅପରପକ୍ଷରେ କୋରାପୁଟ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ୫.୨ ଡିଗ୍ରୀ ସେଲ୍ସିୟସ ଅଧିକ ରହିଛି।

ବିହାର ମୁଖ୍ୟମନ୍ତ୍ରୀଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

ପାଟନା: ବିହାରର ସମ୍ରାଟ ଚୌଧୁରୀ ସରକାର କାର୍ଯ୍ୟରେ ଅବହେଳା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମଙ୍ଗଳବାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବାରେ ଅବହେଳା କରିଥିବା ୧୫ ଜଣ ଅଧିକାରୀଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନିଲମ୍ବିତ କରିଛନ୍ତି। ଯେଉଁଥିରେ ରାଜସ୍ୱ, ସ୍ୱାସ୍ଥ୍ୟ ଓ ନଗର ଉନ୍ନୟନ ବିଭାଗ ଅଧିକାରୀମାନେ ସାମିଲ ଅଛନ୍ତି। ରାଜ୍ୟସ୍ତରୀୟ ଜନସମ୍ପର୍କ କାର୍ଯ୍ୟକ୍ରମ ସମୟରେ, ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାରୁ ଆସିଥିବା ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। କେତେକ ମାମଲାରେ ସମ୍ପୃକ୍ତ ଅଧିକାରୀମାନଙ୍କର ଅବହେଳା ଧରାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ୧୫ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ୱରୂପ ନିଲମ୍ବିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ତୁରନ୍ତ ନିଲମ୍ବିତ କରିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ରାଜସ୍ୱ ଓ ଭୂ-ସଂସ୍କାର ବିଭାଗର ଅଟନ୍ତି। ଉକ୍ତ ବିଭାଗର ୯ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ବିଭାଗର ୪ ଜଣ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଅଧିକାରୀ ଏବଂ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ଜଣେ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି।ଏହା ସହିତ ମୁଖ୍ୟମନ୍ତ୍ରୀ ଚୌଧୁରୀ ସମସ୍ତ ଅଭିଯୋଗ ଆବେଦନର ତୁରନ୍ତ ସମାଧାନ କରିବାକୁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ପବନ କଲ୍ୟାଣଙ୍କ ତୃତୀୟ ବିବାହରେ ପୂର୍ଣ୍ଣଚ୍ଛେଦ

ହାଇଦ୍ରାବାଦ: ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ଅଭିନେତା ପବନ କଲ୍ୟାଣ ଏବଂ ତାଙ୍କ ପତ୍ନୀ ଅନ୍ନା କୋନିଡେଲାଙ୍କ ବିବାହ ବିଚ୍ଛେଦ ଘଟିଛି। ବିବାହର ୧୩ ବର୍ଷ ପରେ ସେମାନେ ପରସ୍ପରଠାରୁ ଅଲଗା ହୋଇଥିବା ଘୋଷଣା କରିଛନ୍ତି। ଏନେଇ ଗତକାଲି ରାତିରେ ପବନ କଲ୍ୟାଣଙ୍କ ଇନଷ୍ଟାଗ୍ରାମ ପେଜରେ ଉଭୟ ଏକ ମିଳିତ ବିବୃତ୍ତି ପୋଷ୍ଟ କରିଛନ୍ତି।

ନିର୍ବାଚନ ପ୍ରଚାର କରିପାରିବେ ନାହିଁ ଅବସରପ୍ରାପ୍ତ ସରକାରୀ ଅଧିକାରୀ

ନୂଆଦିଲ୍ଲୀ: ସରକାରୀ ବିଭାଗରେ କାର୍ଯ୍ୟରତ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ମଧ୍ୟ ଆଦର୍ଶ ଆଚରଣ ସଂହିତାର ନିୟମ ବାଧ୍ୟତାମୂଳକ କରିଛନ୍ତି ଭାରତୀୟ ନିର୍ବାଚନ ଆୟୋଗ। ଏବେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ବିଭିନ୍ନ ପଦବୀରେ ନିଯୁକ୍ତ କିମ୍ବା ପୁନଃନିଯୁକ୍ତ ଅବସରପ୍ରାପ୍ତ ସରକାରୀ ଅଧିକାରୀମାନେ ନିର୍ବାଚନ ସମୟରେ କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିପାରିବେ ନାହିଁ। ସେମାନଙ୍କୁ ନିୟମିତ ସରକାରୀ କର୍ମଚାରୀଙ୍କ ଭଳି କୌଣସି ରାଜନୈତିକ ଦଳ ସହିତ ସଂଶ୍ଳିଷ୍ଟ ରହିପାରିବେ ନାହିଁ, ସେମାନଙ୍କୁ ନିରପେକ୍ଷ ରହିବାକୁ ପଡିବ। ଆସନ୍ତା ବର୍ଷ ନିର୍ବାଚନ ହେବାକୁ ଥିବା ଗୋଆ, ମଣିପୁର, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ଚିଠି ଲେଖି ସ୍ପଷ୍ଟ କରିଛନ୍ତି।

ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ଏପରି ବ୍ୟକ୍ତିମାନେ କୌଣସି ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କରିପାରିବେ ନାହିଁ କିମ୍ବା କୌଣସି ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିପାରିବେ ନାହିଁ। ସରକାରୀ କର୍ମଚାରୀମାନେ ପୂର୍ବରୁ କୌଣସି ନିର୍ବାଚନ ପ୍ରଚାର କିମ୍ବା ଜନସମ୍ପର୍କ ଅଭିଯାନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଆଶା କରାଯାଇଥିଲା। ସେମାନେ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ଗୋଷ୍ଠୀକୁ ସମର୍ଥନ କରିବା ପାଇଁ ସେମାନଙ୍କର ନାମ, ପଦବୀ କିମ୍ବା ସରକାରୀ କ୍ଷମତା ବ୍ୟବହାର କରିବା ଉଚିତ୍ ନୁହେଁ। କମିଶନ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆଦର୍ଶ ଆଚରଣ ସଂହିତା କେବଳ ସରକାରୀ ବିଭାଗ ପର୍ଯ୍ୟନ୍ତ ସୀମିତ ନୁହେଁ। ସଂଗଠନ, କମିଟି, କର୍ପୋରେସନ ଏବଂ କମିଶନ ପାଇଁ ପ୍ରଯୁଜ୍ୟ ଯେଉଁମାନେ ସରକାରଙ୍କଠାରୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ପାଣ୍ଠି ଗ୍ରହଣ କରନ୍ତି। ସମସ୍ତଙ୍କ ପାଇଁ ଏହି ନିୟମ ପାଳନ କରିବାକୁ ବାଧ୍ୟତାମୂଳକ। ରାଜ୍ୟ ସରକାରଙ୍କ ସେବା ନିୟମ ପୂର୍ବରୁ ସରକାରୀ କର୍ମଚାରୀମାନଙ୍କୁ ରାଜନୈତିକ କାର୍ଯ୍ୟକଳାପ ଏବଂ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ନିଷେଧ କରିଛନ୍ତି। କିନ୍ତୁ ଅବସରପ୍ରାପ୍ତ ଏବଂ ପୁନଃନିଯୁକ୍ତ ଅଧିକାରୀଙ୍କ ରାଜନୈତିକ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ସ୍ପଷ୍ଟ ନିୟମ ନଥିଲା। କମିଶନ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସମାନ କଟକଣା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସେହିପରି ସରକାର ଦ୍ୱାରା ନିଯୁକ୍ତ ଅବସରପ୍ରାପ୍ତ ଅଧିକାରୀମାନେ ନିର୍ବାଚନ ଘୋଷଣା ହୋଇଥିବା ଅଞ୍ଚଳ କିମ୍ବା ଜିଲ୍ଲାର କୌଣସି ନିର୍ବାଚନ ଅଧିକାରୀଙ୍କୁ ସରକାରୀ ଆଲୋଚନା କିମ୍ବା ବୈଠକ ପାଇଁ ଡାକିପାରିବେ ନାହିଁ। ସେମାନେ ଭିଡିଓ କନଫରେନ୍ସିଂ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଏପରି ଅଧିକାରୀଙ୍କ ସହ ସାକ୍ଷାତ କରିପାରିବେ ନାହିଁ।

ଏହି ନିର୍ଦ୍ଦେଶ ପାଳନ କରିବାରେ କୌଣସି ଉଲ୍ଲଂଘନ କିମ୍ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶକୁ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଜନସାଧାରଣଙ୍କ ନିକଟରେ ପ୍ରସାରିତ କରିବାକୁ ଏବଂ ଏହାର କଡ଼ା ପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ଚୌକି ଛାଡ଼ିବା ପଛରେ ସୋନିଆଙ୍କ ଭାବପ୍ରବଣ ଖୁଲାସା

ନୂଆଦିଲ୍ଲୀ,୧୦।୧୧: କାହିଁକି ପ୍ରଧାନମନ୍ତ୍ରୀ ହେବାକୁ ମନା କରିଥିଲେ ସୋନିଆ ଗାନ୍ଧୀ? ୨୦୦୪ରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ବିଜୟୀ ହେବା ପରେ କାହିଁକି ଦେଶର ସର୍ବୋଚ୍ଚ ରାଜନୈତିକ ପଦବୀକୁ ପ୍ରତ୍ୟାଖ୍ୟାନ କରିଥିଲେ ସେ? ଏହାର ରୋଚକ ଏବଂ ଭାବପ୍ରବଣ କାରଣ ସାମ୍ନାକୁ ଆଣିଛି ସୋନିଆ ଗାନ୍ଧୀଙ୍କ ନୂଆ ଆତ୍ମଜୀବନୀ 'ବିଲଗିଂଙ୍ଗ: ଏ ଜର୍ଣ୍ଣି ଅଫ ଲଭ୍'ରେ ଉଲ୍ଲେଖ କରିଛନ୍ତି।

ମଙ୍ଗଳବାରଠାରୁ ବଜାରକୁ ଆସିଛି ଏହି ପୁସ୍ତକ। କୌଣସି ଆନୁଷ୍ଠାନିକ ଉନ୍ମୋଚନ ଉତ୍ସବ ବିନା ଏହା ପାଠକଙ୍କ ପାଇଁ ଉପଲବ୍ଧ ହୋଇଛି। ଏହା କୌଣସି ରାଜନୈତିକ ସ୍ତୁତିଚାରଣ ନୁହେଁ, ବରଂ ତାଙ୍କ ଜୀବନ, ପରିବାର, ଭଲପାଇବା, ଦୁଃଖ ଓ ଭାରତ ସହ ତାଙ୍କ ସମ୍ପର୍କର ଏକ ବ୍ୟକ୍ତିଗତ କାହାଣୀ ବୋଲି କହିଛନ୍ତି ସୋନିଆ।ପୁସ୍ତକରେ ୨୦୦୪ ମସିହାର ଏକ ବଡ଼ ରାଜନୈତିକ ଘଟଣାକୁ ନେଇ ମନ ଖୋଲିଛନ୍ତି ସୋନିଆ। ଲୋକସଭା ନିର୍ବାଚନରେ କଂଗ୍ରେସ ମେଣ୍ଟର ବିଜୟ ପରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାକୁ ତାଙ୍କ ଉପରେ ସହଯୋଗୀ ଦଳଗୁଡ଼ିକର ପ୍ରବଳ ଚାପ ରହିଥିଲା। ପ୍ରଥମରୁ ଏହି ପଦ ଗ୍ରହଣ କରିବାକୁ ଅନିଚ୍ଛୁକ ଥିଲେ ମଧ୍ୟ ମେଣ୍ଟ ସହଯୋଗୀଙ୍କ ଚାପରେ ସେ କିଛି ସମୟ ପାଇଁ ସମ୍ମତି ଦେଇଥିଲେ। ହେଲେ ଶେଷରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଥିଲେ।ସୋନିଆଙ୍କ ଏହି ନିଷ୍ପତ୍ତି ପଛରେ ତାଙ୍କ ପିଲାମାନଙ୍କ ଭୟ ଓ ଚିନ୍ତା ଏକ ପ୍ରମୁଖ କାରଣ ଥିଲା। ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ନିଜ ମା'ଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁନଥିଲେ। କାରଣ, ସେମାନେ ନିଜ ଆଖି ଆଗରେ ଜେଜେମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଏବଂ ବାପା ରାଜୀବ ଗାନ୍ଧୀଙ୍କ ବୋମା ବିସ୍ଫୋରଣରେ ମୃତ୍ୟୁର ଦୁଃଖଦ ଘଟଣା ଦେଖିଥିଲେ। ଏଭଳି ସ୍ଥିତିରେ ଦେଶର ସର୍ବୋଚ୍ଚ ପଦବୀରେ ବସିଲେ ମା'ଙ୍କ ଜୀବନ ପ୍ରତି ବିପଦ ବଢ଼ିପାରେ ବୋଲି ଦୁହେଁ ଭୟ କରୁଥିଲେ।ସୋନିଆ କହିଛନ୍ତି, ତାଙ୍କ ଜୀବନର ଅନେକ ବ୍ୟକ୍ତିଗତ ଅନୁଭୂତି ଓ ଭାବନାକୁ ସେ ସବୁବେଳେ ନିଜ ଭିତରେ ରଖିଛନ୍ତି। ପରିବାରର ଦୁଃଖଦ ଘଟଣା ତାଙ୍କୁ ରାଜନୀତିକୁ ଟାଣି ଆଣିଥିଲେ ମଧ୍ୟ ସେ ନିଜ ବ୍ୟକ୍ତିଗତ ଜୀବନକୁ ସର୍ବଦା ରାଜନୀତିଠାରୁ ଅଲଗା ରଖିବାକୁ ଚେଷ୍ଟା କରିଛନ୍ତି।

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ପୂର୍ବରୁ ଆଉ ଜଣେ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ ମା' ସୋନିଆ ଗାନ୍ଧି। ରାହୁଲଙ୍କ ବଡ଼ ଭାଇଙ୍କ ସମ୍ପର୍କରେ ବିଶେଷ ତଥ୍ୟ ଗାନ୍ଧି ପରିବାର କେବେ ବି ସର୍ବସାଧାରଣରେ କହି ନାହିଁ। କିନ୍ତୁ ଏବେ ସୋନିଆ ଗାନ୍ଧି ପ୍ରଥମ ପୁତ୍ର ସନ୍ତାନଙ୍କ ସମ୍ପର୍କରେ ନିଜର ବହି 'ବିଲଗିଂଙ୍ଗ: ଏ ଜର୍ଣ୍ଣି ଅଫ ଲଭ୍'ରେ ଉଲ୍ଲେଖ କରିଛନ୍ତି।



ରାହୁଲ ଗାନ୍ଧିଙ୍କ ଜନ୍ମର ଠିକ ବର୍ଷକ ପୂର୍ବରୁ ସୋନିଆ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଆଉ ଏକ ପୁତ୍ର ସନ୍ତାନର ମା'-ବାପା ହୋଇଥିଲେ। କିନ୍ତୁ ପୁତ୍ର ସନ୍ତାର ଖୁସି ଗାନ୍ଧି ପରିବାର ସହ କେବଳ କିଛି ଘଣ୍ଟା ପାଇଁ ରହିଥିଲା।କାରଣର ଜନ୍ମର କିଛି ଘଣ୍ଟା ପରେ ପୁତ୍ର ସନ୍ତାନ ଜଣଙ୍କ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଥିଲେ। ଏହି ଘଟଣା ଉଭୟ ରାଜୀବ ଓ ସୋନିଆଙ୍କୁ ପୂରା ଭାଙ୍ଗି ଦେଇଥିଲା। ଗାନ୍ଧି ପରିବାର ସହ ଏହି ଟ୍ରାଜେଡୀ ୧୯୬୯ ମିସିହା ଜାନୁଆରୀ ମାସରେ ଘଟିଥିଲା। ଏହାପୂର୍ବରୁ ସୋନିଆ ଗର୍ଭବତୀ ଥିବା ଖବର ସାମ୍ନାକୁ ଆସିବା ପରେ ପୂରା ଗାନ୍ଧି ପରିବାର ଖୁସିରେ ନାଚି ଉଠିଥିଲା।

ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି କେବେ ବି ସୋନିଆଙ୍କ ପ୍ରତି ନିଜ ଭଲ ପାଇବା ଖୋଲାଖୋଲି ଭାବେ ପ୍ରଦର୍ଶନ କରୁ ନଥିଲେ। କିନ୍ତୁ ସୋନିଆ ଗର୍ଭବତୀ ହେବା ପରେ ବୋହୂ ପ୍ରତି ତାଙ୍କ ଭଲ ପାଇବା ବଢ଼ି ଯାଇଥିଲା। ସେ ଖବର ପାଇଁ ନିଜ ବୋହୂଙ୍କୁ କୁଣ୍ଢାଇ ପକାଇଥିଲେ।

ହେଲେ ଗାନ୍ଧି ପରିବାରର ଖୁସି ବେଶୀ ସମୟ ତିଷ୍ଠି ପାରି ନଥିଲା। ସୋନିଆ ଗାନ୍ଧି ଛୁଆ ଜନ୍ମ କରିବା ସମୟର ଦୁଇ ମାସ ପୂର୍ବରୁ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିପାଇଁ ସେ ପ୍ରସବ ରୁମକୁ ଯାଇଥିଲେ ଓ ୧୯୬୯ ମସିହା ଜାନୁଆରୀ ୧୮ରେ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ସମୟ ପୂର୍ବରୁ ଜନ୍ମ ହୋଇଥିଲେ ହେଁ ନବଜାତ ଦେଖିବାକୁ ବେଶ ସ୍ୱାସ୍ଥ୍ୟବାନ ରହିଥିଲେ।

ସୋନିଆ କହିଛନ୍ତି, "ମୁଁ ପ୍ରଥମଥର ମୋ ପୁଅର କାନ୍ଦ ସେ ଇନକ୍ୟୁବେଟରରେ ଥିବା ବେଳେ ଶୁଣିଥିଲି। ପରବର୍ତ୍ତୀ ଅବସ୍ଥାରେ ରାଜୀବ ମୋତେ ତା'କୁ ଦେଖାଇବାକୁ ନେଇଥିଲେ। ମୋ ଛୁଆ ବେଶ ଭଲ ଦେଖାଯାଉଥିଲା। ତା' ମୁଣ୍ଡରେ ମୋଟା, କଳା ଓ ଲମ୍ବା ଚୁଟି ଥିଲା। ପତଳା ପତଳା ଆଙ୍ଗୁଠିକୁ ବି ମୁଁ ଦେଖିଥିଲି। ତା'କୁ ଦେଖି ଆମେ ତତ୍କାଳ ତା' ପ୍ରେମରେ ପଡ଼ି ଯାଇଥିଲୁ।" ସୋନିଆଙ୍କ ପ୍ରଥମ ପୁଅ ଜନ୍ମ ହେବା ପରେ ମାତ୍ର କିଛି ଘଣ୍ଟା ଜୀବିତ ରହିଥିଲେ ଓ ଏକଥା ପୂର୍ବରୁ ରାଜୀବ ଗାନ୍ଧିଙ୍କୁ ଡାକ୍ତରମାନେ ସତର୍କ କରାଇ ସାରିଥିଲେ। ପୁଅ ମୃତ୍ୟୁ ଖବର ସୋନିଆଙ୍କ ପାଖରେ ଜାନୁଆରୀ ୧୯ ତାରିଖ ସକାଳେ ପହଞ୍ଚିଥିଲା। ସୋନିଆ ବହିରେ କହିଛନ୍ତି ଯେ ପୁଅ ମୃତ୍ୟୁ ଖବର ତାଙ୍କୁ ଓ ରାଜୀବ ଗାନ୍ଧିଙ୍କୁ ପୂରା ଭିତରୁ ଭାଙ୍ଗି ଦେଇଥିଲା। ଉଭୟ ଏକାଠି ବସି କେବଳ କାନ୍ଦିବାକୁ ଲାଗିଥିଲେ। ଇନ୍ଦିରା ଗାନ୍ଧି ସରକାରୀ ଗସ୍ତରେ ଥିଲେ ହେଁ ଖବର ପାଇ ତୁରନ୍ତ ହସ୍ପିଟାଲକୁ ଚାଲି ଆସିଥିଲେ।ଇନ୍ଦିରା ଗାନ୍ଧି ହସ୍ପିଟାଲରେ ପହଞ୍ଚିବା ପରେ ସୋନିଆ ଓ ରାଜୀବ ଗାନ୍ଧିଙ୍କୁ କୁଣ୍ଢାଇ ପକାଇଥିଲେ। ତାଙ୍କ ଆଖି ପୂରା ଲାଲ ଓ ଫୁଲି ଯାଇଥିଲା। ସେ କିଛି ସମୟ ଉଭୟଙ୍କ ପାଖରେ ବସିବା ପରେ ନିଜ ସରକାରୀ କାମ ପୁଣି ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ନବଜାତର ଅନ୍ତିମ ସଂସ୍କାରକୁ ନେଇ ପରିବାର ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଇଥିଲା। ନବଜାତର ପାରମ୍ପରିକ ଅନ୍ତିମ ସଂସ୍କାର ପ୍ରଥା କଥା ଶୁଣି ସୋନିଆ ପୂରା ସ୍ତବ୍ଧ ହୋଇଯାଇଥିଲେ।କାରଣ ପରମ୍ପରା ଅନୁସାରେ ନବଜାତକୁ ପାଣିରେ ଭସାଇବା କଥା ଗାନ୍ଧି ପରିବାର ଆଲୋଚନା କରିଥିଲେ। ଏହାକୁ ସୋନିଆ ବିରୋଧ କରିଥିଲେ। ସେ ନିଜ ପିଲାକୁ କେବେ ହେଲେ ବି ନଦୀରେ ଫିଙ୍ଗିବାକୁ ଦେବେ ନାହିଁ ବୋଲି କହିଥିଲେ। ସୋନିଆ ଗାନ୍ଧି ଲେଖିଛନ୍ତି ଯେ ନଦୀରେ ଫିଙ୍ଗିବାର ସମ୍ଭାବନା ତାଙ୍କୁ ଦିଲ୍ଲୀର ଓଖଲା ବନ୍ଧ ନିକଟରେ ଏକଦା ଲାଖିଥିବା ଗୋଟିଏ ଶବର ଭୟାବହତା କଥା ମନେ ପକାଇ ଦେଇଥିଲା। ତେଣୁ ନଦୀରେ ଫିଙ୍ଗା ଯୋଜନାକୁ ତାଙ୍କ ପାଖରେ ଗ୍ରହଣ କରିବା ସମ୍ଭବ ପର ନଥିଲା।ଶେଷରେ ପରିବାର ଲୋକ ନବଜାତକୁ ଦକ୍ଷିଣ ଦିଲ୍ଲୀର ମେହରୌଲି ସ୍ଥିତ ଫିରୋଜ ଗାନ୍ଧିଙ୍କ ଫାର୍ମରେ ପୋତିବାକୁ ନିଷ୍ପତ୍ତି ନେଇଥିଲେ। ରାଜୀବ ଗାନ୍ଧି ଓ ତାଙ୍କ ସାନ ଭାଇ ସଞ୍ଜୟ ଗାନ୍ଧି ସେଠାରେ ପୁଅର ଅନ୍ତିମ ସଂସ୍କାର କରିଥିଲେ।ଏହା ଅତ୍ୟନ୍ତ ଦୁଃଖଦାୟକ ରାସ୍ତା ଥିଲା। କିନ୍ତୁ ଏହାର ବିକଳ୍ପ ନଥିଲା। ଲମ୍ବା ସମୟ ଧରି ଆମେ ଯେତେବେଳେ ବି ସେଠାକୁ ଯାଉ, ସେଠାରେ ଗୋଟିଏ ଫୁଲ ରଖିଥାଉ ବୋଲି ସୋନିଆ କହିଛନ୍ତି। ଗୋଟିଏ ଦକ୍ଷିଣପନ୍ଥୀ ପ୍ରକାଶନ ପକ୍ଷରୁ ପିଲାର ବୈଧତାକୁ ପ୍ରଶ୍ନ ଉଠାଯାଇଥିଲା। ଏହାକୁ ନେଇ ଅନେକ କଥା କୁହାଯାଇଥିଲା। ଏହା ସୋନିଆଙ୍କୁ ସବୁଠାରୁ ଅଧିକ ଦୁଃଖ ଦେଇଥିଲା ବୋଲି ସେ ବହିରେ ଉଲ୍ଲେଖ କରିଛନ୍ତି। ସୋନିଆ କହିଛନ୍ତି, "ସେହି ସବୁ ଶବ୍ଦର ବିଷ ମୋ ହୃଦୟକୁ କ୍ଷତ ସୃଷ୍ଟି କରିଥିଲା। ଲୋକମାନେ ଏତେ ନିଷ୍ଠୁର କେମିତି ହୋଇପାରନ୍ତି" ପ୍ରଥମ ପୁତ୍ର ସନ୍ତାନଙ୍କୁ ହରାଇ ଥିଲେ ହେଁ ସେହି ବର୍ଷ ଶେଷ ଭାଗରେ ପୁଣି ଗର୍ଭବତୀ ହୋଇଥିଲେ।ଏଥର ଗର୍ଭବତୀ ଖବର ପରିବାର ମଧ୍ୟରେ ଖୁସି ଆଣିବା ବଦଳରେ ଅଧିକ ଚିନ୍ତା ସୃଷ୍ଟି କରିଥିଲା। ଶେଷରେ ୧୯୭୦ ମସିହା ଜାନୁଆରୀ ୧୯ରେ ରାହୁଲ ଗାନ୍ଧିଙ୍କ ଜନ୍ମ ହୋଇଥିଲା। ପ୍ରଥମ ପୁତ୍ର ସନ୍ତାନର ଠିକ ବର୍ଷ ପରେ ରାହୁଲ ଜନ୍ମ ହୋଇଥିଲେ।

ଆଞ୍ଚଳିକ ମନ୍ଥନ

ବୁଧବାର,୧୧ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday,11 November 2026, Bhubaneswar



ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ଅଭିଯାନ

ଅନୁଗୋଳ,୧୦।୧୧ :(ମନ୍ଥନ)ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ସୋମବାର ଅପରାହ୍ନ ରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ କାର୍ଯ୍ୟକ୍ରମ ରେ ସମଗ୍ର ଦେଶରେ ବିଜେପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏ ପରିପେକ୍ଷୀରର ଲୋକଙ୍କୁ ସଚେତନ କରାଇବା ତଥା ପ୍ରକୃତ ସତ୍ୟ କୁ ଲୋକଲୋଚନ କୁ ଆଣିବା ପାଇଁ ଏ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କିଟ ସ୍କୁଲ ଅଫ ଲୋ ର ପ୍ରାଧ୍ୟାପକ ଡ଼ଃ ସତ୍ୟ



ନାରାୟଣ ଜେନା ଯୋଗଦେଇ ସାମ୍ବିଧାନିକ ଅଧିକାର ନାମରେ ଅରାଜକତା ସୃଷ୍ଟି କରିବା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ କରିଥିଲେ। ସରକାର ଙ୍କୁ ବିରୋଧ କରିବା ଠିକ କିନ୍ତୁ ବିରୋଧ ନାମରେ ଦେଶ ବିରୋଧୀ କାର୍ଯ୍ୟ ଗ୍ରହଣୀୟ ନୁହେଁ । ବିକଶିତ ଭାରତ ଗଠନ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏକ ହୋଇ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଉପସ୍ଥିତ ବୁଦ୍ଧିଜୀବୀ ଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ ଓ ପ୍ରତିମା ମିଶ୍ର, ବୁଦ୍ଧିଜୀବି ସମ୍ମିଳନୀ କାର୍ଯ୍ୟକ୍ରମ ସଂଯୋଜକ ନୃସିଂହ ବରାଳ, ଜିଲ୍ଲା ବୁଦ୍ଧିଜୀବି ପ୍ରକଷ୍ଠ ସଂଯୋଜକ ବିଶ୍ୱରଂଜନ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ସମଗ୍ର ଜିଲ୍ଲାରୁ ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ

ଛେଣ୍ଡିପଦା,୧୦।୧୧ :(ମନ୍ଥନ) ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ, ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ସମନ୍ୱିତ ଆଦିବାସି ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୋରଡ଼ା ଗ୍ରାମ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କିତ ଭିତ୍ତି ପ୍ରସ୍ତର ସ୍ଥାପନ ସାଙ୍ଗକୁ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଏକ ଦିନିକିଆ ଛେଣ୍ଡିପଦା ବ୍ଲକ ଗସ୍ତରେ ପହଞ୍ଚି ଥିଲେ । ବିଶେଷ କରି କୋରଡ଼ା ପଞ୍ଚାୟତ ଅଧୀନ ପୁଟଗାଡିଆ ଗ୍ରାମ ସ୍ଥିତ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ସେବାଶ୍ରମ ବିଦ୍ୟାଳୟ ପରିସରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ (ବାଳିକା ହଷ୍ଟେଲ) ନିର୍ମାଣ ସକାଶେ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ



ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ କୋରଡ଼ା ଗ୍ରାମ ଖେଳ ପଡିଆ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଡିଓ ଅରବିନ୍ଦ ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ଗୌରବ ମୟ ପ୍ରଧାନ ଯୋଗ ଦେଇ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ବଲପୁର ଏମ ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ କୁମାର ମାଝୀ, ବ୍ଲକ ଅଧକ୍ଷା ସୁମିତ୍ରା ସାହୁ ପ୍ରମୁଖ ମଞ୍ଚାସିନ ଥିଲେ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନୈତିକ ନେତା କର୍ମୀ ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶତୃଘ୍ନ ସାହୁ, ସୁଶାନ୍ତ କୁମାର ସାହୁ, ଯୁବ ନେତା ଆଲୋକ କୁମାର ଦଣ୍ଡପାଟ, ସରପଞ୍ଚ ସନ୍ଧ୍ୟାରାଣି ସିଂହ, ଯୁବ ନେତା ଅକ୍ଷୟ ପାଦ ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ହୃଷୀକେଶ ପ୍ରଧାନ, ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକ, କହ୍ନେଇ ସାହୁ, ସୁଜିତ କୁମାର ସାହୁ, ଜୀବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା,ପଞ୍ଚାୟତ ସ୍ତରୀୟ ମହିଳା ମହା ସଂଘ କର୍ମକର୍ତ୍ତା , ଓଡିଶା ଜୀବିକା ମିଶନ ପଦାଧିକାରୀ ଓ କର୍ମଚାରୀ ଙ୍କ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଶେଷରେ ଅନୁଗୋଳ ଉପ ଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କବି ସଦାଶିବ ପଣ୍ଡାଙ୍କ ୮୭ତମ ସ୍ୱନକ୍ଷତ୍ର ଦିବସ ପାଳିତ

ମାହାଙ୍ଗା, ୧୦।୧୧ :(ମନ୍ଥନ) ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର,ଗୋପାଳପୁର ଆନୁକୂଲ୍ୟରେ ବନମାଳିପୁର ଠାରେ ସଂସଦର ବରିଷ୍ଠ ଉପଦେଷ୍ଟା କବି ସଦାଶିବ ପଣ୍ଡାଙ୍କ ୮୭ତମ ସ୍ୱନକ୍ଷତ୍ର ଦିବସ ଗବେଷକ ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ବିରୂପାକ୍ଷ ରାୟ, ସଂସଦର କୋଷାଧ୍ୟକ୍ଷ କଲ୍ଲୋଳ ଚନ୍ଦ୍ର ମହାନ୍ତି, ସଂପାଦକ ଗୌତମ ଚରଣ ଜେନା, କବୀ ପ୍ରତିଭା ଦାସ, ରାଜକିଶୋର ମିଶ୍ର, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ମହେନ୍ଦ୍ର କୁମାର ଘଡେଇ, ଦିଲ୍ଲୀପ କୁମାର ଗ୍ରହାଚାର୍ଯ୍ୟ, ମନୋଜ କୁମାର ନାୟକ, ଫକୀର ଚରଣ ନାୟକ, ପ୍ରବାଚକ ଶରତ ଚନ୍ଦ୍ର ରଥ, ଇଂ ସରୋଜ ସାମଲ, ସ୍ତମ୍ଭକାର ବିବେକାନନ୍ଦ ଦାସ, ବିପ୍ରଭୂଷଣ ପଣ୍ଡା, ଏଲିନା ପଣ୍ଡା, ଆଦିତ୍ୟ ପଣ୍ଡା, ରଶ୍ମିତା ପଣ୍ଡା,ସୀମାରେଖା ପଣ୍ଡା, ପ୍ରଭାତୀ ପଣ୍ଡା ପ୍ରମୁଖ ଯୋଗଦେଇ କବି ସଦାଶିବ ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କ ସୃଷ୍ଟିସମ୍ଭାର ସଂପର୍କରେ ଆଲୋକପାତ କରି କବି ଶ୍ରୀ ପଣ୍ଡାଙ୍କୁ ଉପଢ଼ୌକନ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସମସ୍ତ ଅତିଥିମାନଙ୍କୁ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିବାରୁ କବି ସଦାଶିବ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।

ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଯାଜପୁର,୧୦।୧୧ :(ମନ୍ଥନ) ଯାଜପୁର ଟାଉନ ଥାନା ବିରଜାପୁର ପଂଚାୟତ ରଙ୍ଗପୁର ଛକ ନିକଟରେ ଏକ ଅଭାବନୀୟ ଘଟଣା। ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ବେଳେ ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସାନଭାଇ ଟାଉନ ଥାନାରେ ଲିଖିତ ଏତଲା ଦେଇଛନ୍ତି। ସେପଟେ ଅଭିଯୋଗକୁ ଆଧାର କରି ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରିରଖିଛି। ମୃତକ ଅଳକୁଣ୍ଡ ଥାନା ହଳଦୀଡିହ ପଂଚାୟତ ବଡ଼କୁଆଁଳ ଗ୍ରାମର ବାସୁଦେବ ସାମଲଙ୍କ ପୁଅ ଅଭିମନ୍ୟୁ(୨୭) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଅଭିମନ୍ୟୁଙ୍କ ମାନସିକ ସ୍ଥିତି ଭଲ ନଥିବା ବେଳେ ସେ ଗତ ପ୍ରାୟ ୫ଦିନ ହେବ କୌଣସି କାରଣରୁ ଘରୁ କୁଆଡେ ପଳାଇ ଏଣେତେଣେ ବୁଲୁଥିଲେ। ତେବେ ଗତ ରବିବାର ରାତି ପ୍ରାୟ ୨ଟା ୫୫ମିନିଟ୍ ସମୟରେ ରଙ୍ଗପୁର ଗାଁର କୁମ୍ଭାରସାହିରେ ଜଣକ ଘରେ ପଶିଯାଇ ପାଣି ପିଇବାକୁ ମାଗିବାରୁ ଚୋର ସନ୍ଦେହ କରି କିଛି ଲୋକ ମିଳିତ ଭାବେ ଅଭିମନ୍ୟୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ତାଙ୍କୁ ମାଡ଼ ମାରିବା ସହ ହାତଗୋଡ଼ ବାନ୍ଧି ପକାଇଥିଲେ। ଏ ନେଇ ଅଭିମନ୍ୟୁ ଏକ ଅଜଣା ମୋବାଇଲରୁ ଫୋନ କରି ସାନଭାଇ ବିଶ୍ୱଜିତ ସାମଲଙ୍କୁ ସୂଚନା ଦେଇଥିଲେ। ଏଥିସହ ଫୋନ ଯୋଗେ ପୋଲିସକୁ ମଧ୍ୟ ଏ ସମ୍ପର୍କରେ ଜଣାଇଥିଲେ। ପୋଲିସ ସେଠାରେ ପହଂଚି ଅଭିମନ୍ୟୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। ବିଶ୍ୱଜିତଙ୍କ ସହ ପରିବାର ଲୋକ ମେଡିକାଲରେ ପହଂଚି ଅଭିମନ୍ୟୁଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାରେ ବଡ଼ଭାଇ ଅଭିମନ୍ୟୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ସାନଭାଇ ବିଶ୍ୱଜିତ। ଆଜି ଜିଲ୍ଲା ମେଡିକାଲରେ ତାଙ୍କର ଶବବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ବିଭିନ୍ନ ସ୍ଥାନରେ ଦୀପାବଳି ଓ କାଳିପୂଜା ପାଳିତ

ଖଣ୍ଡପଡ଼ା, ୧୦।୧୧ :(ମନ୍ଥନ) ଖଣ୍ଡପଡ଼ା ସହରାଞ୍ଚଳ ସମେତ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ଦୀପାବଳି ପାଳିତ ହୋଇଯାଇଛି। ଚଳିତବର୍ଷ ଦୁଇଦିନ ଧରି ଦୀପାବଳି ପାଳନ ହେବା ନେଇ ଦ୍ୱନ୍ଦ ସୃଷ୍ଟି ହୋଇଥିଲା। ତେବେ ଗତକାଲି ବ୍ଲକ ଅଧୀନ ସମସ୍ତ ଗ୍ରାମରେ ଏହି ପର୍ବ ପାଳନ ହୋଇଥିବା ସୂଚନା ମିଳିଛି। ଏହି ପର୍ବରେ ସନ୍ଧ୍ୟାରେ ବିଭିନ୍ନ ଗ୍ରାମରେ କାଉଁରିଆ କାଠି ଓ ଦୀପ ଜାଳି ବଡବଡୁଆଙ୍କୁ ଡକା ଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ ମହାଳୟା ତିଥିରେ ପିତୃପୁରୁଷଙ୍କ ଆହ୍ୱାନ କରି ପିଣ୍ଡଦାନ କରାଯାଇଥିବା ବେଳେ ଦୀପାବଳି ତିଥିରେ ଆଲୋକ ଦେଖାଇ ସେମାନଙ୍କୁ ବିଦାୟ ଦିଆଯାଇଥାଏ। ସେହିପରି ଦୀପାବଳି ଅବସରରେ ଖଣ୍ଡପଡା ସହରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ କାଳୀପୂଜା ଆଡମ୍ବର ସହକାରେ ପାଳିତ ହୋଇଛି। ଖଣ୍ଡପଡା ରଥଗଡା ଛକରେ ବଣିକସଂଘ ପକ୍ଷରୁ ମା' କାଳୀଙ୍କ ମୃନ୍ମୟୀ ମୂର୍ତ୍ତି ସ୍ଥାପନ କରାଯିବା ସହ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଛି।

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୭ତମ ସାଧାରଣ ସଭାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ


ନୟାଗଡ଼,୧୦।୧୧ :(ମନ୍ଥନ) ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୭ତମ ସାଧାରଣ ସଭା ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ 'ସୃଜନ'ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ୟାଙ୍କର ବିଭିନ୍ନ ଅନିୟମିତତା, ଋଣ ଆଦାୟ, ବଜେଟ୍ ଅନୁମୋଦନ ଏବଂ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲେ ହେଁ, ସଭାରେ ପଦାଫାଶ ହୋଇଥିବା କୋଟିକୋଟି ଟଙ୍କାର ଦୁର୍ନୀତି ଓ ଜାଲିଆତି ସାଧାରଣରେ ଗଭୀର ଚିନ୍ତା ସୃଷ୍ଟି କରିଛି।ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ଅନିୟମିତତା ଥିବାରୁ ତାହା ଗୃହୀତ ହୋଇ ନ ଥିଲା। ବିନା ବଜେଟରେ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ପୂର୍ବତନ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କଠାରୁ ଆଦାୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷର ପୁନର୍ବାର ଅଡିଟ୍ କରାଯିବାକୁ ସ୍ଥିର ହୋଇଛି। ତେବେ ସଭାରେ ୨୦୨୬-୨୭ ବଜେଟ୍ ସର୍ବସମ୍ମତି କ୍ରମେ ପାସ୍ ହୋଇଛି।ବ୍ୟାଙ୍କର ନିଜସ୍ୱ ପାଣ୍ଠି ନ ଥିବା ବେଳେ ପ୍ୟାକ୍ସ ଓ ବ୍ୟାଙ୍କର କର୍ମଚାରୀମାନେ ଗତ ୧୦ ବର୍ଷ ଭିତରେ ୧୯୪ କୋଟି ଟଙ୍କା ନେଇସାରିଥିବାରୁ ବ୍ୟାଙ୍କ କ୍ଷତିଗ୍ରସ୍ତ ହୋଇ ପଡ଼ିଛି। ବ୍ୟାଙ୍କ ଓଡ଼ିଶା ରାଜ୍ୟ ସପଡ଼ି ରହିଥିବା ୭ କୋଟିରୁ ଅଧିକ ଡିଫଲ୍ଟର ଋଣ ଡିଆରଙ୍କ ନେତୃତ୍ୱରେ ଏଭଳି ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିବାବେଳେ ଯୁଗ୍ମ ନିବନ୍ଧକ ଅଳକାନନ୍ଦ ଜେନା ଓ ସୁପ୍ରିୟା ସ୍ୱାଇଁ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଅଡିଟ୍ ରିପୋର୍ଟ ଏବଂ ପ୍ରକୃତ



କଡ଼ାକଡ଼ି ଭାବେ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ସଭାରେ ସାର ବଣ୍ଟନକୁ ନେଇ ସାଙ୍ଘାତିକ ଅଭିଯୋଗ ଆସିଛି। ପ୍ରତି ସୋସାଇଟିରୁ ସାର ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନିଆଯାଉଥିବା ଏବଂ ଟଙ୍କା ନ ଦେଲେ ସାର ଦିଆଯାଉ ନ ନଥିବା ନେଇ ମହୀପୁର ସଭାପତି ମୁହଁ ଖୋଲିଛନ୍ତି। କ୍ଲେମ୍ ପରିମାଣ ମଧ୍ୟରେ କୋଟି କୋଟି ଟଙ୍କାର ପାର୍ଥକ୍ୟ ରହିଛି। ସରକାରଙ୍କ ନିକଟରେ ୬୮୦ କୋଟିରୁ ଅଧିକ ଟଙ୍କାର ଇଣ୍ଟରେଷ୍ଟ ସବମିଶନ କ୍ଲେମ୍ କରାଯାଇଥିବା ବେଳେ ସିଇଓ ଏବଂ କର୍ମକର୍ତ୍ତାମାନେ ୫୦୯ କୋଟିରୁ ଅଧିକ ଋଣ ଲଗାଇ ସରକାରଙ୍କ ପାଖରୁ କ୍ଲେମ୍ କରିଛନ୍ତି, ଯାହା ବଡ଼ଧରଣର ସନ୍ଦେହ ସୃଷ୍ଟି କରିଛି।ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ କମ୍ପାନୀ ସେକ୍ରେଟାରୀ ଅଜୟ କୁମାର ପଟ୍ଟନାୟକଙ୍କ ଭଳି ଦାୟିତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସ୍ୱାକ୍ଷର ସତ୍ତ୍ୱେ ଏଭଳି ବଡ଼ଧରଣର ଭୁଲ୍ ଅଡିଟ୍ ବ୍ୟବସ୍ଥାର ସାଂଘାତିକ ବିଫଳତାକୁ ସୂଚାଉଛି।୧୧୦ କୋଟି ଟଙ୍କା ବ୍ୟାଙ୍କର ଓଲ୍ଡ ଫଣ୍ଡ ବୋଲି ଦର୍ଶାଯାଇଥିଲେ ଏବଂ ନିୟମାନୁସାରେ ସୁଧ ମିଳିବା କଥା; କିନ୍ତୁ ଶେଷରେ ଏହା ମାଇନସ୍ ବା ଶୂନ୍ୟ ହୋଇଯିବା ଆର୍ଥିକ ପରିଚାଳନାରେ ଗହନ ଦୁର୍ନୀତି ଆଡ଼କୁ ଇଙ୍ଗିତ କରୁଛି।ଏଭଳି ଜାଲିଆତି, ମନଗଢ଼ା ଅଡିଟ୍ ରିପୋର୍ଟ ଏବଂ ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ ସମବାୟ ବ୍ୟାଙ୍କରେ ହୋଇଥିବା ଅର୍ଥ ହେରଫେର ପଛରେ ଥିବା ପ୍ରକୃତ ଦୋଷୀମାନଙ୍କୁ ଚିହ୍ନଟ କରି ଏକ ନିରପେକ୍ଷ ଓ କଠୋର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ଓ ସଚେତନ ମହଲରୁ ଦୃଢ଼ ଦାବି ହେଉଛି।ଏହି ସଭାରେ ଜିଲ୍ଲାପାଳ ମଧୁମିତା ରଥ,ଜିଲ୍ଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କରୁଣାକର ସାହୁ ଏବଂ କ୍ଷମତା ପ୍ରାପ୍ତ ସଭ୍ୟ ଉପସ୍ଥିତ ଥିଲେ ।

ବାଲିପଙ୍ଗା ରଥ ସାହି ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଶିଳାନ୍ୟାସ କାର୍ଯ୍ୟକ୍ରମ

ଛେଣ୍ଡିପଦା,୧୦।୧୧ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବାଲିପଙ୍ଗା ରଥ ସାହି ପ୍ରାଥମିକ ବିଦ୍ୟାଳୟ ଠାରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ସକାଶେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ବିଶେଷ କରି ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନତ ଶିକ୍ଷା, ସୁଦୃଢ଼ ଭିତିଭୂମି, ଗୁଣାତ୍ମକ



ଶିକ୍ଷାଦାନ ଓ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟ ନେଇ ଏହି ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ଶ୍ରୀ ବେହେରା ଅଭିଭାଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ।ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ସମ୍ବଲପୁର ଏମ ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ବିଡିଓ ଅରବିନ୍ଦ ବେହେରା ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ବେହେରା, ବରିଷ୍ଠ ନେତା ଚୌଧୁରୀ ପ୍ରଧାନ, ଅଜିତ କୁମାର ପ୍ରଧାନ,ସରପଞ୍ଚ ସୁଦାମ ପ୍ରଧାନ , ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଶରତ କୁମାର ଗଡ଼ନାୟକ, ଶିଶିର କୁମାର ଗଡ଼ନାୟକ, ସୁଧାକର ଗଡ଼ନାୟକ , ପଣ୍ଡିତ ମୋହନ ଗଡ଼ନାୟକ , ମନୁ ପ୍ରଧାନ, ସହଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଅଭିଭାବକ ଅଭିଭାବିକା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଋଷିକୂଲ୍ୟା ଓ ଖରଖରୀନଦୀ ଉପରେ ୩ଟି ନୂଆ ଡ୍ୟାମ୍-ବ୍ୟାରେଜ ନିର୍ମାଣ ପାଇଁ ରାମଚନ୍ଦ୍ର ପଣ୍ଡାଙ୍କ ଦାବି

ଗଞ୍ଜାମ,୧୦।୧୧ :(ମନ୍ଥନ)୧୯୯୯ ମସିହାର ମହାବାତ୍ୟା ପରବର୍ତ୍ତୀ ପ୍ରବଳ ବନ୍ୟା ପରେ ତିତିଲି, ଫାଇଲିନ୍, ହୁଡ୍?ହୁଡ୍ ଭଳି ବିପର୍ଯ୍ୟୟଜନିତ ଦୁର୍ଦ୍ଦଶା ଯୋଗୁଁ ଋଷିକୁଲ୍ୟା ନଦୀରେ ବନ୍ୟା ପରିସ୍ଥିତି ରେ ଚାଷୀ ମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ଚଳିତ ବାନ୍ୟା ରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ପରିଲକ୍ଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ବୈଷୟିକ ସମ୍ଭାବନାକୁ ଦେଖି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଋଷିକୂଲ୍ୟା ଓ ଘୋଡାହାଡ଼ ନଦୀର ମିଳନ ସ୍ଥଳର ତଳମୁଣ୍ଡ ଗ୍ରାମ ଟଙ୍କଛାଇ ଓ କାଞ୍ଜିଆମା ନିକଟରେ ଗୋଟିଏ ଜଳଭଣ୍ଡାର ନିର୍ମାଣ କରିବା ସହ ଋଷିକୂଲ୍ୟା ଓ ଖରଖରୀର ମିଳନ ସ୍ଥଳରୁ ପ୍ରାୟ ୩ କିଲୋମିଟର ଦୂରବର୍ତ୍ତୀ ଉପରମୁଣ୍ଡରେ ରାମପଲ୍ଲୀ ନିକଟରେ ଆଉ ଗୋଟିଏ ଜଳଭଣ୍ଡାର ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଏହା ସହ ତୃତୀୟ ଏକ ଡ୍ୟାମ୍-ବ୍ୟାରେଜ ନିର୍ମାଣ କରି ବନ୍ୟାଜଳକୁ ନିୟନ୍ତ୍ରଣ କରିବା ସହ ରବି ଚାଷ ପାଇଁ ଜଳସେଚନ ସୁଯୋଗ କରିବା ନିମନ୍ତେ ସେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଥିବା ଜଣାପଡିଛି।

କୁତୁଲସିଙ୍ଗା ଉପ୍ରା ବିଦ୍ୟାଳୟ ରେ ବିଜ୍ଞାନ ଓ ଗଣିତ ମେଳା

ଆଠମଲ୍ଲିକ୍,୧୦।୧୧ :(ମନ୍ଥନ) ଆଠମଲ୍ଲିକ୍ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତୁଲସିଙ୍ଗା ସ୍କୁଲ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଶ୍ରୀପତି ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ । ଶିକ୍ଷକ ମନୋରଞ୍ଜନ ଜେନା ବିଚାରକ ଭାବରେ ଯୋଗ ଦେଇ ସମସ୍ତ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ । ଏହି ମେଳା ରେ ଲିମ୍ବଡିହ, ନଳେସ୍ୱର, କରଡ଼ାସିଂ, ଜାମୁଡୋଲୀ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏହି ମେଳା ରେ ୨୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା କ୍ଷ ପ୍ରଧାନଶିକ୍ଷକ ଛବିନାରାୟଣ ସିଠ, ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ଅଖଣ୍ଡ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ଖୋଲିଲା ସ୍କୁଲ, ହେଲେ ଭେଟସିଙ୍ଗିରେ ଭାଙ୍ଗିଯାଇଛି ବିଦ୍ୟାଳୟ ଅଙ୍ଗନବାଡ଼ିରେ ଚାଲିଛି ପାଠପଢ଼ା

କବିସୂର୍ଯ୍ୟନଗର, ୧୦।୧୧ :(ମନ୍ଥନ) ବାତ୍ୟା ଓ ବନ୍ୟା ପରେ ଧୀରେ ଧୀରେ ସ୍ୱାଭାବିକ ହେଉଛି ଗଞ୍ଜାମ ଜିଲ୍ଲାର ସ୍ଥିତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆଜିଠାରୁ ଖୋଲିଛି ବିଦ୍ୟାଳୟ। ହେଲେ ଏମିତି ଏକ ବିଦ୍ୟାଳୟ ରହିଛି, ଯେଉଁଠି ସ୍କୁଲ ଖୋଲିବା ତ ଦୂରର କଥା,ବିଦ୍ୟାଳୟର ଅସ୍ତିତ୍ୱ ହିଁ ବିପଦରେ। କାଦୁଅରେ ଭର୍ତ୍ତି ସ୍କୁଲ ପରିସର, ଭାଙ୍ଗିଯାଇଛି ପାଚେରି, ଧ୍ୱଂସ ହୋଇଯାଇଛି ଶ୍ରେଣୀଗୃହ ପିଲାଙ୍କ ପାଠପଢ଼ା ପାଇଁ ନାହିଁ ଉପଯୁକ୍ତ ଶ୍ରେଣୀଗୃହ।କବିସୂର୍ଯ୍ୟନଗର ବ୍ଲକ ଭେଟସିଙ୍ଗି ଗ୍ରାମର ପ୍ରାଥମିକ ବିଦ୍ୟାଳୟ।କେଉଁଠି ଭାଙ୍ଗି ଯାଇଛି ପାଚେରି ତ ଆଉ କେଉଁଠି ମାଟିରେ ମିଶିଯାଇଛି ଶ୍ରେଣୀଗୃହ। ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ଜମି ରହିଥିବାରୁ ପିଲାଙ୍କ ପାଇଁ ସ୍କୁଲ ଯିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି।ଏଭଳି ସ୍ଥିତିରେ ବିଦ୍ୟାଳୟର ପ୍ରାୟ ୨୦ ରୁ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠ ପଢ଼ିବାକୁ ପଡୁଛି। କିନ୍ତୁ ଏଠାରେ ମଧ ରହିଛି ସମସ୍ୟା। ପାଠପଢ଼ା କିଭଳି ଚାଲିବ, ତାହା ଏବେ ବଡ଼ ପ୍ରଶ୍ନ।ସରକାରଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ଖୋଲିଛି, ଅନ୍ୟପଟେ ଭେଟସିଂ ଗ୍ରାମର ଏହି ବିଦ୍ୟାଳୟର



କାରଣ ଅଙ୍ଗନବାଡ଼ି କେନ୍ଦ୍ରରେ ପୂର୍ବରୁ ଅଙ୍ଗନବାଡ଼ି ଶିଶୁ ଓ ଶିଶୁବାଟିକାର ପିଲାମାନେ ପାଠ ପଢୁଛନ୍ତି। ଏବେ ସେହି ସୀମିତ ସ୍ଥାନରେ ଦୁଇ ଦୁଇଟି ଶ୍ରେଣୀର ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। କେବେ ନିର୍ମାଣ ହେବ ନୂତନ ଶ୍ରେଣୀଗୃହ? କେବେ ଫେରିବ ବିଦ୍ୟାଳୟର ସ୍ୱାଭାବିକ ସ୍ଥିତି? ଏହି ଅପେକ୍ଷାରେ ଅଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ।

ଗଞ୍ଜାମ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଞ୍ଜାମ,୧୦।୧୧ :(ମନ୍ଥନ)ଗଞ୍ଜାମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ସୋମବାର ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ବ୍ଲକର ୧୨ଟି କ୍ଲଷ୍ଟର ଅଧୀନରେ ଥିବା ୧୪୪ଟି ବିଦ୍ୟାଳୟରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ, ବରିଷ୍ଠ, ବରିଷ୍ଠ ଉଚ୍ଚ ମାଧ୍ୟମିକ ପରି ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀ ପ୍ରାୟ ୧୦ଟି ବିଭିନ୍ନ ପ୍ରତିଯୋଗିତା ଯଥା ବିତର୍କ, ପ୍ରବନ୍ଧ ଲିଖନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଭାଗ ନେଇ ନିଜର କଳା, ସାହିତ୍ୟ, ସୃଜନଶୀଳତା, ଜ୍ଞାନ ଓ ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରତିଯୋଗୀମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଓ ଉଚ୍ଚକୋଟୀର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା।ଏହି ଅବସରରେ ଆୟୋଜିତ ଉଦ୍?ଯାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ବିକାଶ ଦିଗରେ 'ସୁରଭି' ଏକ ଉତ୍କୃଷ୍ଟ ମଞ୍ଚ ବୋଲି ଏହି କାର୍ଯ୍ୟକ୍ରମର ମହତ୍ତ୍ୱ ପ୍ରତିଫଳିତ ହୋଇଥିଲା।ସମଗ୍ର କାର୍ଯ୍ୟକ୍ରମ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ (ବିଇଓ) ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବା ବେଳେ , ବ୍ଲକ ରିସୋର୍ସ ସେଣ୍ଟରର କୋ-ଅର୍ଡିନେଟର (ବିଆରସିସି)ସଂଯୁକ୍ତା କୁମାରୀ ବେହେରା , ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ (ଏବିଇଓ) ସୁନିତା କୁମାରୀ ମିଶ୍ର ଏବଂ ବ୍ଲକର ସମସ୍ତ କ୍ଲଷ୍ଟର ରିସୋର୍ସ ସେଣ୍ଟରର କୋ-ଅର୍ଡିନେଟର (ସିଆରସିସି)ଙ୍କ ସମନ୍ୱୟ ଓ ସହଯୋଗରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ମୋଟ ୩୧ଟି ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଥିଲା ।



ବିଦ୍ୟାଳୟସ୍ତରୀୟ ବିଦ୍ୟାର୍ଥୀ ଛାୟାସଂସଦ ଓ ନେତୃତ୍ୱଦଳ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା,୧୦।୧୧ :(ମନ୍ଥନ) ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ପିଏମଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୫ତାରିଖ ଦିନ ଛାତ୍ରଛାତ୍ରୀମାନେ ଶାସକଦଳ ଓ ବିରୋଧୀ ଦଳ ହୋଇ ବିଦ୍ୟାଳୟସ୍ତରୀୟ ବିଦ୍ୟାର୍ଥୀ ଛାୟା ସଂସଦ ଓ ନେତୃତ୍ୱ ଦଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ,ବାଚସ୍ପତି,ବିରୋଧୀଦଳ ନେତା ଓ ମନ୍ତ୍ରୀଭାବେ ସାଂପ୍ରତିକ ଘଟଣାବଳୀ ଉପସ୍ଥାପନ କରିବା ସହ ନେତୃତ୍ୱ ବିକାଶର ପରିଚୟ, ସୃଷ୍ଟିସମ୍ଭାବନା ବିକଶିତ ହୋଇଥିଲେ। ବିଦ୍ୟାଳୟସ୍ତର ସୁମେୟା ପରୱିନ୍ ଦଶମ ଓ ଆୟୁଷ ବାରିକ ନବମ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ ଯୋଗଦେଇ ବିଦ୍ୟାର୍ଥୀ ସାଂସଦ ଓ ନେତୃତ୍ୱ ଦଳର ବର୍ତ୍ତମାନ ସମୟରେ ଆବଶ୍ୟକତା ସଂପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରସଂସଦର ଉପଦେଷ୍ଟା ସହକାରୀ ଶିକ୍ଷକ କୃପାସିନ୍ଧୁ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲା ବେଳେ ଶିକ୍ଷକ ରମାକାନ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେମାନନ୍ଦ ପ୍ରଧାନ, ମମତା ଜେନା, ଗାୟତ୍ରୀ ରାଉତ, ବାସନ୍ତୀ ଶୋରେନ୍, ସୁଚିତ୍ରା ମଲିକ, ଲିସା ପ୍ରଧାନ, ପ୍ରଦିପ୍ତ କୁମାର ଦାସ, ବ୍ରଜକିଶୋର ବାରିକ, ପ୍ରସନ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଚର୍ଚ୍ଚାରେ କଟକ ସିଡିଏମଓ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମାହାଙ୍ଗା,୧୦।୧୧ :(ମନ୍ଥନ) ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ , ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ଦିପା ପଟ୍ଟନାୟକ ଗତ ୫ତାରିଖ ଦିନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏହି ପରିଦର୍ଶନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆସିବା ଦ୍ୱାରା ମାହାଙ୍ଗା ଅଂଚଳର ରୋଗୀମାନଙ୍କର କି ପ୍ରକାର ଲାଭ ହୋଇଛି, ସେ ନେଇ ଅନେକ ଅଭିଯୋଗ ସାଧାରଣରେ ଶୁଣିବାକୁ ମିଳୁଛି। ଏଠାରେ ସୂଚନା ଯୋଗ୍ୟ ଯେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ କଟକ ଚିଠି ନଂ୧୯୨୪୦ ତା ୪.୧୧.୨୦୨୬ରିଖ ସୂଚନା ତଥ୍ୟରୁ ଜଣାପଡିଛି ଯେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଦନ୍ତ ବିଭାଗ ପାଇଁ ତା୨୧.୧୨.୨୦୨୩ ମସିହାରେ ଦନ୍ତ ପରୀକ୍ଷା ନିମନ୍ତେ ସମସ୍ତ ମେସିନ୍ ଉପକରଣ ଯୋଗାଇ ଦିଆଯାଇଥିଲା। ଏହାକୁ ତା ୧୪.୦୮.୨୦୨୪ରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକାରୀ କରାଯାଇଥିଲା, ପରନ୍ତୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ମାହାଙ୍ଗା ପତ୍ରସଂଖ୍ୟା୧୨୭୬ ତା୦୯.୦୯୨୦୨୬ରିଖ ସୂଚନା ଅନୁଯାୟୀ ଅଗଷ୍ଟ ୨୦୨୬ ଠାରୁ ଦନ୍ତ ବର୍ହିବିଭାଗ କାର୍ଯ୍ୟକାରୀ ହେଉଛି। ଏହା ମଙ୍ଗଳ, ଗୁରୁ, ବୁଧ ଓ ଶନିବାର ଖୋଲା ରହୁଛି। ଡାକ୍ତର ଶ୍ରୀସା ମହାନ୍ତି ଦାୟିତ୍ୱରେ ଅଛନ୍ତି। ଅପରପକ୍ଷରେ ଚର୍ଚ୍ଚା ହେଉଛି ସିଡିଏମଓଙ୍କ ଗସ୍ତକୁ ଆଖିଆଗରେରଖି ଡାକ୍ତରଖାନା କର୍ତ୍ତୃପକ୍ଷ ଦନ୍ତ ବିଭାଗକୁ ଖୋଲିଥିଲେ। ଏହା ପୂର୍ବରୁ ଖୋଲାଯାଉ ନଥିଲା ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି। ସେହିପରି ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ବାୟୋମେଟ୍ରିକ ଉପସ୍ଥାପନ ସଠିକ୍ ଭାବେ ହେଉନାହିଁ। ଗତ ଜୁଲାଇମାସ ୨୦୨୫ରିଖ ଠାରୁ ସ୍କାନିଂ ମେସିନ୍ ଅଚଳ, ଏପରିକି ୨୦୨୫-୨୬ ଆର୍ଥିକ ବର୍ଷରେ ଏଫଆରୟୁ ନିୟମ ଅନୁଯାୟୀ କୌଣସି ଗର୍ଭବତୀଙ୍କ ଅସ୍ତ୍ରୋପଚାର କରାଯାଇ ନାହିଁ। ସେହିଭଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ପାଳିକରି ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ଅଲଟ୍ରାସାଉଣ୍ଡ ମେସିନ୍ ଥିଲେ ମଧ୍ୟ ତାଲିମପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଚଳାଉ ନଥିବା ଅଭିଯୋଗ ସାଧାରଣରେ ହେଉଛି। ଏଣୁ କଟକ ସିଡିଏମ୍ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସମୟରେ ଏହିସବୁ ସମସ୍ୟାପ୍ରତି ଦୃଷ୍ଟି ଦେଇ ଥିଲେ କି ନାହିଁ ତାହା ଚର୍ଚ୍ଚା ହେଉଛି। ମାହାଙ୍ଗାରେ ସରକାରୀ ଡାକ୍ତରଖାନାରେ ରୋଗୀ ଚିକିତ୍ସା ବିପର୍ଯ୍ୟସ୍ତ ହୋଇପଡୁଥିଲା ବେଳେ ସିଡିଏମ୍ଓ କଟକ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ତୁରନ୍ତ ପ୍ରକାଶ କରନ୍ତୁ ସର୍ବସାଧାରଣରେ ଦାବି ହେଉଛି।

ଦିବ୍ୟାଙ୍ଗମାନଙ୍କ ସହିତ ଦୀପାବଳୀ ଉତ୍ସବ ପାଳିଲେ କଳିଙ୍ଗ ଭାରତୀ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ

ମାହାଙ୍ଗା,୧୦।୧୧ :(ମନ୍ଥନ)ମାହାଙ୍ଗା ବ୍ଲକ ଉମର ପଂଚାୟତ ଅର୍ନ୍ତଗତ ଉମର ଠାରେ କଳିଙ୍ଗଭାରତୀ ଫାଉଣ୍ଡେସନ ଆଞ୍ଚଳିକ ଶାଖା କାର୍ଯ୍ୟାଳୟର ଉଦ୍‌ଘାଟନ ସହିତ କଳିଙ୍ଗଭାରତୀ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ ଅକ୍ଷୟ କୁମାର ସାମଲ ଦିବ୍ୟାଙ୍ଗମାନଙ୍କ ମେଳରେ ଦୀପାବଳୀ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ନିଜର ବକ୍ତବ୍ୟରେ ଦିବ୍ୟାଙ୍ଗମାନେ କୌଣସି ଗୁଣରେ ସାଧାରଣ ମଣିଷ ଠାରୁ କମ୍ ନୁହଁନ୍ତି। ସେମାନଙ୍କ ନିକଟରେ ବହୁ ଦକ୍ଷତା ରହିଛି। ଆଗାମୀ ଦିନରେ ମାହାଙ୍ଗାଅଂଚଳରେ ଦିବ୍ୟାଙ୍ଗମାନଙ୍କ ପାଇଁ ସେ ବିଭିନ୍ନ କାର୍ଯ୍ୟ କରିବା ସଂପର୍କରେ ସୂଚନା ଦେବା ସହ କଳିଙ୍ଗ ଭାରତୀ ଫାଉଣ୍ଡେସନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଚୌ ରମାକାନ୍ତ ପ୍ରହରାଜ, ଶିକ୍ଷାବିତ୍ ସୁରେନ୍ଦ୍ରନାଥ ଶତପଥୀ, ପ୍ରଦ୍ୟୁମ୍ନ କୁମାର ବାରିକ, ପବିତ୍ରମୋହନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ କୁମାର ସିଂହ ,ଦେବବ୍ରତ ପଣ୍ଡା, ଫକୀର ଚରଣ ନାୟକ, କବି ଭକ୍ତ ଚରଣ ସାହୁ, ପ୍ରଫୁଲ୍ଲ କୁମାର ମହାପାତ୍ର, ହରେକୃଷ୍ଣ ସାହୁ,ସୁଶାନ୍ତ କୁମାର ନାୟକ, ଓମ୍‌ଜୟ ଜୟ ଜଗନ୍ନାଥ, କବି ବିଜୟ କୁଅଁର, ଦିବ୍ୟାଙ୍ଗ ସଂଘର ସଭାପତି ସନ୍ତୋଷ କୁମାର ସାହୁ, ସଂପାଦକ ତ୍ରିଲୋଚନା ବେହେରା, ସଦସ୍ୟ ଜ୍ଞାନେନ୍ଦ୍ର କୁମାର ଷଡ଼ଙ୍ଗୀ, ମିର୍ଜା ଆୟାସ୍ ବେଗ୍, ସୁଧାକର ଭୋଇ, ଶ୍ରୀ ଚରଣ ଦାସ,ହିମାଂଶୁଶେଖର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ମହାପାତ୍ର,ପ୍ରଦିପ୍ତ ମହାପାତ୍ର,ମଦନମୋହନ ସାହୁ,ସଚ୍ଚିଦାନନ୍ଦ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଏହା ଏକ ନିଆରା ପରମ୍ପରା ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି।

ଖଣ୍ଡପଡ଼ାରେ ଗିରି ଗୋବର୍ଦ୍ଧନ ପୂଜା

ଖଣ୍ଡପଡ଼ା, ୧୦।୧୧ :(ମନ୍ଥନ) କାର୍ତ୍ତିକ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଗିରିଗୋବର୍ଦ୍ଧନ ପୂଜା କରାଯାଏ। ପୌରାଣିକ କାହାଣୀ ଅନୁଯାୟୀ ଏହିଦିନ ପ୍ରଭୁ ଶ୍ରୀକୃଷ୍ଣ ବୃନ୍ଦାବନ ବାସୀଙ୍କୁ ଭୟଙ୍କର ବର୍ଷାରୁ ବଞ୍ଚାଇବା ନିମନ୍ତେ ନିଜ ଅଙ୍ଗୁଳିରେ ଗୋବର୍ଦ୍ଧନ ପର୍ବତକୁ ଉଠାଇଥିଲେ ଏବଂ ସେମାନଙ୍କୁ ରକ୍ଷା କରିଥିଲେ। ସେବେଠାରୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଧ ?ଶ୍ୟରେ ଗିରିଗୋବର୍ଦ୍ଧନ ପୂଜା କରାଯାଉଅଛି। ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ସହରାଞ୍ଚଳ ଅଧୀନ ରଥଗଡା ଛକରେ ୨୦୧୬ ଓ ୨୦୧୭ ମାଟ୍ରିକ ବ୍ୟାଚ ପକ୍ଷରୁ ପୃଥକ ଭାବେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ସେହିପରି ଜଗନ୍ନାଥ ମନ୍ଦିର ପରିସରରେ ୨୦୦୯ ଓ ୨୦୨୫ ମାଟ୍ରିକ ବ୍ୟାଚ ଗ୍ୟାଙ୍ଗଷ୍ଟାର ୟୁଥ ଗ୍ରୁପ ଦ୍ୱାରା ପ୍ରଭୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠା ସହ ପୂଜା ଆରମ୍ଭ କରାଯାଇଛି। ଅନ୍ୟପକ୍ଷରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ୨୦୨୭ ମାଟ୍ରିକ ବ୍ୟାଚ ଅର୍ବାନଷ୍ଟାର ୟୁଥ ଗ୍ରୁପ ଦ୍ୱାରା ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ମଣ୍ଡପରେ ଆଜି ସନ୍ଧ୍ୟାରେ ପାରମ୍ପରିକ ରୀତିନୀତିରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଥିବା ନେଇ ସୂଚନା ମିଳିଛି। ଆସନ୍ତା ରବିବାର ମିଳିତ ଭସାଣି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

ଅବ୍ୟବସ୍ଥାରେ ବୁଗୁଡ଼ା ଇନଡୋର ଷ୍ଟାଡିୟମ,କ୍ରୀଡ଼ାପ୍ରେମୀଙ୍କ ଅସନ୍ତୋଷ

ବୁଗୁଡ଼ା,୧୦।୧୧ :(ମନ୍ଥନ) ଗତ ୨୩ ଫେବୃୟାରୀ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା କୋଟି କୋଟି ଟଙ୍କାରେ ନିର୍ମିତ ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମର ଅବସ୍ଥା ସମ୍ପ୍ରତି ଲଜ୍ଜାଜନକ ପରିସ୍ଥିତିରେ ରହିଛି । ଦିନବେଳା ସୂର୍ଯ୍ୟାଲୋକରେ ଷ୍ଟାଡିୟମର ବାହ୍ୟ ଦୃଶ୍ୟ ଖରାପ ଲାଗୁନଥିଲେ ହେଁ ରାତିରେ ପାଚେରୀ କଡେ କଡେ ଥିବା ୧୨ଟି ଲାଇଟ୍ ପୋଷ୍ଟ କାମ କରୁନଥିବାରୁ ଭଲ ଲାଗୁନାହିଁ । ଏଥି ସହ ଷ୍ଟାଡିୟମର ମୁଖ୍ୟ ଫାଟକ ସମ୍ମୁଖରେ ଦୁର୍ଗନ୍ଧ ପାଣି ଜମିରହି ଘୁଷୁରି ଗାଡିଆ ସୃଷ୍ଟି ହୋଇଛି। ଏଇତ ଗଲା ଷ୍ଟାଡିୟମର ବାହ୍ୟାବସ୍ଥା, ଭିତର ଅବସ୍ଥା କହିଲେ ନ ସରେ। ଭିତରେ ୪୪ଟି ଲାଇଟ୍ ମଧ୍ୟରୁ ମାତ୍ର ୪ଟି ଲାଇଟ୍ ଜଳୁଥିବାରୁ ଅନ୍ଧାରିଆ ଦେଖାଯାଉଛି। ଫଳରେ ବ୍ୟାଡମିଣ୍ଟନ ଖେଳ ସୁଖପ୍ରଦ ହୋଇ ପାରୁନଥିବାରୁ ଖେଳାଳୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥି ସହ ବ୍ୟାୟାମ ଉପକରଣଗୁଡିକ ଭାଙ୍ଗିରୁଜି କୌଣସି



କାମରେ ଲାଗୁନାହିଁ। ଅନ୍ୟପକ୍ଷରେ ପୁରୁଷଙ୍କ ୱାସରୁମର ପାଣି ପାଇପଗୁଡିକ ନଷ୍ଟ ହୋଇଯାଇଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇପଡିଥିବା ବେଳେ ଆବଶ୍ୟକୀୟ ମରାମତି ଅଭାବରୁ ବର୍ଷା ହେଲେ ଷ୍ଟାଡିୟମ ଭିତରେ ଉପରୁ ପାଣି ଗଳୁଛି। ଏହି ଇନଡୋର ଷ୍ଟାଡିୟମର ଏତାଦୃଶ୍ୟ ଶୋଚନୀୟ ଅବସ୍ଥା ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୋଣସି ସୁଫଳ ମିଳୁନାହିଁ। ଫଳରେ ପୂର୍ବରୁ ଖେଳ ଏବଂ ବ୍ୟାୟାମ ପାଇଁ ଏଠାକୁ ଆସୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଯେଉଁ ଉଦ୍ଦେଶ୍ୟରେ ଏହି ଇନଡୋର ଷ୍ଟାଡିୟମଟି ନିର୍ମାଣ କରାଯାଇଥିଲା ତାହା ଏବେ ସେହି ଦିଗରେ କାର୍ଯ୍ୟକ୍ଷମ ହୋଇପାରୁନଥିବାରୁ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଣୁ, ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏହି ଇନଡୋର ଷ୍ଟାଡିୟମର ଦୂରବସ୍ଥା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ମାଁ ମହାକାଳୀ ପୂଜାକୁ ଜିଲ୍ଲା କିନ୍ନର ସଂଘକୁ ନିମନ୍ତ୍ରଣ

ନବରଙ୍ଗପୁର,୧୦।୧୧ :(ମନ୍ଥନ) ସାମାଜିକ ସମାନତା, ଏକତା, ଭାଇଚାରା ଓ ସମାବେଶୀ ଚିନ୍ତାଧାରାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି ଉମରକୋଟ ସହର ନିକଟସ୍ଥ ଗ୍ରାମ ନମ୍ବର ୫୨ର ଶ୍ରୀ ଶ୍ରୀ ଶ୍ରୀ ମାଁ ମହାକାଳୀ ପୂଜା କମିଟି। ଜିଲ୍ଲାର ସର୍ବବୃହତ୍ ପୂଜା ଭାବେ ପରିଚିତ ମାଁ ମହାକାଳୀଙ୍କ ପୂଜା ଅବସରରେ ପୂଜା କମିଟି ପକ୍ଷରୁ ଜିଲ୍ଲା କିନ୍ନର ସଂଘକୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ସମାଜର ପ୍ରତ୍ୟେକ ବର୍ଗଙ୍କୁ ସମ୍ମାନ ଓ ମର୍ଯ୍ୟାଦା ଦେବା ସହ ଧାର୍ମିକ ଓ ସାଂସ୍କୃତିକ ଉତ୍ସବରେ ସମସ୍ତଙ୍କୁ ସାମିଲ କରିବାର ଏହି ପ୍ରୟାସ ଏକ ଉଦାହରଣୀୟ ପଦକ୍ଷେପ। ଜିଲ୍ଲା କିନ୍ନର ସଂଘକୁ ନିମନ୍ତ୍ରଣ କରିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପୂଜା କମିଟି ପକ୍ଷରୁ ମତ ପ୍ରକାଶ ପାଇଛି। ଏହି ନିମନ୍ତ୍ରଣକୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ଆନନ୍ଦର ସହିତ ସ୍ୱାଗତ କରାଯାଇଛି। ସମାଜରେ କିନ୍ନରମାନଙ୍କୁ ସମାନ ସମ୍ମାନ ଓ ଅଧିକାର ଦେବା ସହିତ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିବାର ଏଭଳି ପ୍ରୟାସ ସାମାଜିକ ସଦ୍ ?ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ୍. ବାଲା କୃଷ୍ଣ ରାଓ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ମହିଳା ଉପଦେଷ୍ଟା ଶର୍ମିଷ୍ଠା ଦେଓ, ସମ୍ପାଦକ ଚୁମକି କିନ୍ନର ଓ ସହସମ୍ପାଦକ ପ୍ରୀତି କିନ୍ନର ପ୍ରମୁଖ ଏହି ନିମନ୍ତ୍ରଣକୁ ନେଇ ଆନନ୍ଦ ପ୍ରକାଶ କରିବା ସହ ପୂଜା କମିଟିକୁ ଧନ୍ୟବାଦ ଜଣାଇଛନ୍ତି। ଏଭଳି ଏକ ମହତ୍ ପଦକ୍ଷେପ ସମାଜରେ ସମାନତା, ମାନବିକତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ସହ ଅନ୍ୟ ପୂଜା କମିଟିମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ ହୋଇପାରିଛି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୬’ ଉଦ୍‌ଯାପିତ

ନୟାଗଡ଼, ୧୦।୧୧ :(ମନ୍ଥନ)ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୬’ ନୟାଗଡ଼,ନବଘନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା କୁନି କୁନି ପ୍ରତିଭାମାନେ ନିଜର ଅନନ୍ୟ କଳା, ଜ୍ଞାନ ଓ ସୃଜନଶୀଳତାର ପରିଚୟ ଦେଇଥିଲେ।ଉଦ୍‌ଘାଟନୀ ସଭା ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ , ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା, ଗୀତାଞ୍ଜଳି ସାହୁ, ସାନ୍ଧ୍ୟରାଣୀ ରାଉତ ଏବଂ ସମଗ୍ର ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାଶ



ଯୋଗଦେଇଥିଲେ।ଉଦ୍‌ଯାପନୀ ସଭାରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଏବଂ ପୁରୀ ସାଂସଦ ସମ୍ବିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇଥିଲେ। ମଞ୍ଚ ସଂଯୋଜନା କରିଥିଲେ ଜୟେନ୍ଦ୍ର ବେହେରା। ଏଥିସହ ଜିଲ୍ଲାର ସମସ୍ତ ବ୍ଲକ୍‌ର ବ୍ଲକ୍ ଶିକ୍ଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।ମହୋତ୍ସବରେ ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ, କୁଇଜ୍ ଏବଂ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଭିଜ୍ଞ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରତିଯୋଗିତାଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ‘ସୁରଭି’ ମହୋତ୍ସବରେ ନୟାଗଡ଼ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।ଏହି ମହୋତ୍ସବର ସଫଳ ଆୟୋଜନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା, ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ସକ୍ରିୟ ସହଯୋଗ ରହିଥିଲା।

ନଷ୍ଟ ଧାନଗଛ ଧରି ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

ଛତ୍ରପୁର,୧୦।୧୧ :(ମନ୍ଥନ) ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ବନ୍ୟା ଓ ଅତିବୃଷ୍ଟି ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏଥିରେ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ ଦାବିରେ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ଜୋରଦାର କରାଯାଇଛି। ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଚାଷୀ ଓ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଏହି ଅବସରରେ ଚାଷୀମାନେ ବନ୍ୟାରେ ନଷ୍ଟ ହୋଇଥିବା ଧାନଗଛ ହାତରେ ଧରି ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଫସଲ କ୍ଷୟକ୍ଷତିର ବାସ୍ତବ ଚିତ୍ର ଉପସ୍ଥାପନ କରିଥିଲେ। ବର୍ଷକର ପରିଶ୍ରମ ସହ ଚାଷ ପାଇଁ କରିଥିବା ଖର୍ଚ୍ଚ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ପ୍ରଚଳିତ ପୁରୁଣା ରିଲିଫ୍ କୋଡ୍ ଅନୁଯାୟୀ ମିଳୁଥିବା ସହାୟତା ଚାଷୀଙ୍କ କ୍ଷତି ଭରଣା ପାଇଁ ଯଥେଷ୍ଟ ହେଉନଥିବାରୁ ଏଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣିବାକୁ ମହାସଭା ଦାବି କରିଛି।ଦାବିଗୁଡ଼ିକ ମଧ୍ୟରେ



କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ସର୍ବନିମ୍ନ ୨୫ ହଜାର ଟଙ୍କା କ୍ଷତିପୂରଣ, ଜଳସେଚିତ ଓ ଅଣଜଳସେଚିତ ଜମି ପାଇଁ ସମାନ ସହାୟତା, ଫସଲ ବୀମା ପ୍ରଦାନ ନିମନ୍ତେ ପ୍ରତି ଗ୍ରାମକୁ ଏକକ ଭାବେ ବିବେଚନା, ପ୍ରକୃତ ଭାଗଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଓ ନୂତନ କୃଷି ଋଣ ଯୋଗାଣ ଆଦି ଅନ୍ତର୍ଭୁକ୍ତ ରହିଛି।ସେହିପରି ବନ୍ୟାରେ ଭାଙ୍ଗିଯାଇଥିବା କେନାଲ ଓ ଘାଇଗୁଡ଼ିକର ତୁରନ୍ତ ମରାମତି, କୃଷି ଶ୍ରମିକଙ୍କୁ ଗ୍ରାମାଞ୍ଚଳରେ କାମ ଯୋଗାଇବା, ରବି ଫସଲ ପାଇଁ ମୁଗ, ବିରି, ଚିନାବାଦାମ ଓ ପନିପରିବା ବିହନ ସହିତ ଜୈବିକ ସାର ରିହାତି ଦରରେ ଯୋଗାଇବାକୁ ଦାବି କରାଯାଇଛି।ଚାଷୀଙ୍କ ଦୁର୍‌ଦଶାକୁ ଗୁରୁତ୍ୱର ସହ ବିଚାର କରି ସରକାର ତୁରନ୍ତ ସ୍ୱତନ୍ତ୍ର କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି।ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସମାଜସେବୀ ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ ଓ ଟି. କ୍ରିଷ୍ଣା ରେଡ୍ଡୀ,ପୂର୍ଣ୍ଣଚନ୍ଦ୍ର ଦାଶ, ସୁମା ଦାଶ, ଏ. ସଞ୍ଜୀବ ରେଡ୍ଡୀ, ବିଜୟ କୁମାର ସ୍ୱାଇଁ, କାମରାଜୁ ରେଡ୍ଡୀ, ପୁନି ମହାପାତ୍ର, ବିପ୍ର ଦାସ, ପ୍ରଭାତ ପାଣିଗ୍ରାହୀ, ଇଜୁ ଆମିନ ଖାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ମହାନ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସ

କେନ୍ଦ୍ରାପଡ଼ା,୧୦।୧୧ :(ମନ୍ଥନ) ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ), କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଗୋପଛକ ନିକଟ ନିର୍ମାଲ୍ୟ ମଣ୍ଡପରେ ମହାନ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସରେ କ୍ଷମତା ଓ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସଙ୍କଳ୍ପ ନେବା ଅବସରରେ ଏକ ଶ୍ରେଣୀ ବିହୀନ, ଜାତି ବିହୀନ, ଶୋଷଣ ବିହୀନ ସମାଜ ଗଠନ କରି ସାରା ବିଶ୍ୱରୁ କ୍ଷୁଧା, ନିର୍ଯ୍ୟାତନା ଲୋପ କରିଥିବା ମତଦାନକୁ ଉତ୍ସାହର ସହିତ ପାଳନ କରାଯାଇଥିଲା। ସାଥି ସୀତାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସାଥି ଶିକ୍ଷକନେତା ସୁମନ୍ତ ଛୋଟରାଏ, ସାଥି ବଳରାମ ମିଶ୍ର, ବିଶିଷ୍ଟ ଅଭିନେତା ନାନା ପାଟେକର, ବନ୍ୟା ବାତ୍ୟାରେ ପ୍ରାଣ ହରାଇଥିବା ସାଥିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲ୍ଲା ସମ୍ପାଦକ ସାଥି ବିକାଶ ଚନ୍ଦ୍ର ବେଉରା ବିଗତ କାର୍ଯ୍ୟକ୍ରମର ବିବରଣୀ ସହିତ ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥି ରମଣୀରଞ୍ଜନ ରାଉତରାୟ ଯୋଗଦେଇ ସାରା ବିଶ୍ୱରେ କମ୍ୟୁନିଷ୍ଟମାନଙ୍କ ଭୂମିକା ଏବଂ ଭାରତରେ ଭୂଦାନ ଆନ୍ଦୋଳନ ଠାରୁ ବ୍ୟାଙ୍କ ଜାତୀୟକରଣ କରିବା, ଓଡିଶାରେ ଶିକ୍ଷକମାନଙ୍କୁ ସିଧାସଳଖ ଦରମା ପ୍ରଦାନ ପର୍ଯ୍ୟନ୍ତ ଅତୀତର କଥାକୁ ଉପସ୍ଥାପନ କରିଥିଲେ।

ବନ୍ୟା ବିପନ୍ନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦାବିରେ ଆସନ୍ତା ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ଛତ୍ରପୁର, ୧୦।୧୧ :(ମନ୍ଥନ) ଗଞ୍ଜାମ ଜିଲ୍ଲାର ବନ୍ୟା ବିପନ୍ନ, କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଜନତାଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଓ ଉପଯୁକ୍ତ ସହାୟତା ପ୍ରଦାନ ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଆନ୍‌ଦୋଳନର ଡାକରା ଦିଆଯାଇଛି। ଏନେଇ ଛତ୍ରପୁର, ଚମାଖଣ୍ଡି ଓ ଗଞ୍ଜାମ ଆଞ୍ଚଳିକ ପରିଷଦର ମିଳିତ ବୈଠକ ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ରାଜୀବ ଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।ବୈଠକରେ ଗଞ୍ଜାମ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ,ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର, ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ, ବରିଷ୍ଠ କମ୍ୟୁନିଷ୍ଟ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ସହ-ସମ୍ପାଦକ ଦୁର୍ଯ୍ୟୋଧନ ପରିଡା , ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ୍. ଗିରିଜା ପ୍ରସାଦ ରେଡ୍ଡୀ,



ସହ - ସମ୍ପାଦକ ଗୁରୁନାଥ ପ୍ରଧାନ,ଗଞ୍ଜାମ ଜୋନାଲ ସମ୍ପାଦକ ଭାସ୍କର ପାତ୍ର,ସହ - ସମ୍ପାଦକ ରାଜନୀ ବେହେରା,ସିମାଞ୍ଚଳ ସାହୁ, ଆଦିତ୍ୟ ମିଶ୍ର ଏସ୍. କ୍ରିଷ୍ଣାରେଡ୍ଡୀ, ଏନ. ସୁକାନ୍ତ ଆଚାରୀ, ସିମାଞ୍ଚଳ ପଲାଇ ଓ ବିଶ୍ୱନାଥ ବିଶ୍ୱାଳ ସମେତ ବହୁ ଦଳୀୟ ନେତା, କର୍ମୀ ଓ ଚାଷୀ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ବନ୍ୟା କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଭରଣା ପାଇଁ ଦାବି ଉଠାଯାଇଥିଲା।ଆସନ୍ତା ୧୩ ତାରିଖରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ବନ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଓ ଆର୍ଥିକ ସହାୟତା, ଚାଷୀଙ୍କୁ ସ୍ୱତନ୍ତ୍ର କ୍ଷତିପୂରଣ ପ୍ୟାକେଜ୍ ସହ ସମସ୍ତ କ୍ଷତିଗ୍ରସ୍ତଙ୍କୁ ନ୍ୟାୟସଙ୍ଗତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।ସେହିପରି ବନ୍ୟାରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ଜାନିବିଲି ଆନିକଟର ତୁରନ୍ତ ପୁନରୁଦ୍ଧାର, ନଦୀଘୋର ଠାରୁ ସତୀମଠ ପର୍ଯ୍ୟନ୍ତ ପଥର ବନ୍ଧ ନିର୍ମାଣ, ମାଧପୁରଠାରୁ ଋଷିକୁଲ୍ୟା ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବୈଠକରେ ଦାବି ଉଠିଥିଲା।ଏହା ସହିତ ସମସ୍ତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ, କୃଷି ଋଣ ଛାଡ଼ କରିବାକୁ ଦାବୀ ହୋଇଛି । ଜାତୀୟ ପରିଷଦର ଆହ୍ୱାନକ୍ରମେ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ସହ ଦେଶର ବ୍ୟବସ୍ଥାରେ ପରିବର୍ତ୍ତନ ଦାବିରେ ଆସନ୍ତା ଡିସେମ୍ବର ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।ବନ୍ୟା ସମୟରେ ସିପିଆଇର ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ବିପନ୍ନଙ୍କ ସମସ୍ୟାର ସମାଧାନ ଓ ଦୀର୍ଘସ୍ଥାୟୀ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତି ପ୍ରଶାସନ ତୁରନ୍ତ ଗୁରୁତ୍ୱ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଛତ୍ରପୁର ପ୍ରେସ୍ କ୍ଲବର ୫୧ ହଜାର ଟଙ୍କା ସହାୟତା

ଛତ୍ରପୁର, ୧୦।୧୧ :(ମନ୍ଥନ)ବନ୍ୟା ବିପନ୍ନଙ୍କ ଦୁଃଖ ଓ ଦୁର୍ଦ୍ଦଶାରେ ସହଭାଗୀ ହୋଇ ମାନବିକ ଓ ସାମାଜିକ ଦାୟିତ୍ୱବୋଧର ଉଦାହରଣ ସୃଷ୍ଟି କରିଛି ଛତ୍ରପୁର ପ୍ରେସ୍ କ୍ଲବ। ବନ୍ୟା ପ୍ରଭାବିତ ପରିବାରଙ୍କ ସହାୟତା ନିମନ୍ତେ କ୍ଲବ ପକ୍ଷରୁ ଗଞ୍ଜାମ ଜିଲ୍ଲା ରିଲିଫ୍ ପାଣ୍ଠିକୁ ୫୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଛତ୍ରପୁର ପ୍ରେସ୍



କ୍ଲବର ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ଏହି ଅର୍ଥରାଶିର ଚେକ୍ ପ୍ରଦାନ କରିଥିଲେ।ଏହି ମହତ୍ ଅବଦାନ ପାଇଁ ଜିଲ୍ଲାପାଳ ଛତ୍ରପୁର ପ୍ରେସ୍ କ୍ଲବକୁ ସାଧୁବାଦ ଜଣାଇବା ସହ ସାମ୍ବାଦିକମାନଙ୍କ ସାମାଜିକ ସମ୍ବେଦନଶୀଳତାର ଭୂୟସୀ ପ୍ରଶଂସା କରିଥିଲେ। ବାତ୍ୟା ’ଅର୍ଣ୍ଣବ’ ପରବର୍ତ୍ତୀ ବନ୍ୟା ସମୟରେ ସାମ୍ବାଦିକମାନେ ଦିନରାତି ଏକ କରି ଘଟଣାସ୍ଥଳରୁ ଖବର ପ୍ରସାରଣ କରିବା ସହ ବିପନ୍ନଙ୍କ ସମସ୍ୟା ଓ ଆବଶ୍ୟକତାକୁ ଲୋକଲୋଚନକୁ ଆଣିଥିଲେ। ଏଥିସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଲୋକଙ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥିଲେ । ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ତଥା ଜିଲ୍ଲା ବାହାରୁ ଆସି ଖବର ପରିବେଷଣ କରିଥିବା ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ନିଷ୍ଠା, ସାହସ ଓ ନିରନ୍ତର ସହଯୋଗ ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ।ବନ୍ୟା ବିପତ୍ତି ସମୟରେ ସାମ୍ବାଦିକମାନେ କେବଳ ଖବର ପରିବେଷଣରେ ସୀମିତ ନ ରହି ଜନସାଧାରଣଙ୍କ ଦୁଃଖ ଓ ଦୁର୍‌ଦଶାର ସ୍ୱର ହେବା ସହ ନିଜସ୍ୱ ଉଦ୍ୟମରେ ସହାୟତାର ହାତ ବଢ଼ାଇବା ଏକ ଅନୁକରଣୀୟ ଉଦାହରଣ।

ବୁଧବାର ୧୧ ନଭେମ୍ବର, ୨୦୨୬, ଭୁବନେଶ୍ୱର
Wednesday November 11, 2026 Bhubaneswar



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କଠୋର ହେଉ ସରକାର

କାଶ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ। ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ’ଣ ହୋଇପାରେ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର। ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ। ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ। କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର। ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର। ଏହି ଲଢେଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ। ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ। ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ। କେବଳ ଜଣେ ଯୁବକଙ୍କୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ। ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର। ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍? ଗ୍ଲାଇକଲ୍? ଓ ଇଥିଲିନ୍? ଗ୍ଲାଇକଲ୍? ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି। ତେଣୁ କାଶି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ। ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ। ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଚ୍ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ। ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ। ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର। ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ତା’ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ। ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ। ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖିଚୁଣି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର। ଆଉ ଏକ ଦାୟିତ୍ୱ ହେଉଛି—ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ। ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ। ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର। ଏହି ଲଢେଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାଶି ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ। ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି। ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ। କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶି ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର। ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ। ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ। ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶି ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ। ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର।

ଶକ୍ତି

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶକ୍ତି ଖୋଜରେ ଚାଲିଲେ ପଥରେ ଯାହା ଦେଖିବେ ତାହା ମଧ୍ୟରେ ଶକ୍ତି ଉଣାଅଧିକେ ରହିଛି। ଔଷଧରେ ଭିଟାମିନ। ଭିଟା ମାନେ ହିଁ ଶକ୍ତି, ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିଙ୍କୁ ଡାକ୍ତର ବାବୁମାନେ ଭିଟାମିନର ବଟିକା ଟନିକ ବା ଜରୁରୀ ମନେକଲେ ଇଞ୍ଜେକ୍ସନ ଦେଇଥାନ୍ତି। ଶକ୍ତି ପାଉନାହିଁ ମାନେ, ବଳ ପାଉ ନାହିଁ। ବଳ ଅନ୍ୟ ନାମ ଶକ୍ତି। ବାଳାନାଂ ରୋଦନ ବଳମ୍। ଶିଶୁ ମାନଙ୍କର ରୋଦନ, କାନ୍ଦ ବଳ, ସେହିପରି ଦୁର୍ବଳ ଅପାରଗର ବଳ ଖୋଜରେ ଦୁର୍ବଳସ୍ୟ ବଳମ୍ ରାମା ଦୁର୍ବଳଙ୍କୁ ଦଳିତ କରି କଷ୍ଟ ଦେଇ ଅତ୍ୟାଚାର କରି ଦୁର୍ଦ୍ଦାନ୍ତ ମାନେ ଅନଧିକାରୀ ଥାଇବି ଜୁଲମକରି ତାର ସମ୍ମୁଖରେ ସମ୍ପତ୍ତି, ଧନ, ଯୌବନ ଯୁବତୀ ଝିଅ, ଲୁଣ୍ଠନ କରିବା ଭୋଗ କରିବା ଯେତେବେଳେ ଅତ୍ୟାଚାରିତ ନିଜର ଦୈହିକ ବଳରେ ସେତେବେଳେ ସେ ରାଜଶକ୍ତିର ଆଶ୍ରୟ ଲୋଡ଼େ। ପୂର୍ବେ ଜାତିପାଟକର ବ୍ୟବସ୍ଥା କଡ଼ାକଡ଼ି ଥିଲା। ଏକ ଜାତିର ବ୍ୟକ୍ତି ଅନ୍ୟ ଜାତିର କୌଣସି ବ୍ୟକ୍ତିଙ୍କୁ ତାପିତ କଲେ ଏକ ଗୋଷ୍ଠୀ ଆକ୍ରମଣକାରୀର ଜାତି ସଭା ଦରବାରରେ ଫେରାଦ ହୋଇ ତାଙ୍କୁ ଦଣ୍ଡିତ କରାଉଥିଲେ। କୁହାଯାଏ ଜାତି ଆଗରେ ହାତୀ ସରି ନୁହେଁ। ହାତୀର ଶକ୍ତି କେତେ ସେ ଏକ ଗୋଷ୍ଠୀ ଜନବଳ ଶକ୍ତିରେ ହାରମାନେ। ଯୋଡ଼ାକୁ ଘୋଡ଼ା ସରିନୁହେଁ। ଘୋଡ଼ାକୁ ଅଶ୍ୱ କୁହାଯାଏ, ଅଶ୍ୱଶକ୍ତି ହର୍ସ ପାୱାର ସଂକ୍ଷିପ୍ତରେ ଏଚ.ପି. ଯାହା ଦ୍ୱାରା ବିଦ୍ୟୁତ ମୋଟର, ଅନ୍ୟ ଯାନ୍ତ୍ରିକ ଯାନର ଶକ୍ତି ନିର୍ଦ୍ଧାରଣ କରାଯାଉଛି। ଏକ ଏଚ.ପି.-୭୪୬ ୱାଟ, ବିଦ୍ୟୁତ ଶକ୍ତି ଚାଲିଲେ ଖର୍ଚ୍ଚ ହୁଏ। ଏହିପରି ଏକ ଉଦଣ୍ଡା ଅଶ୍ୱକୁ ଦୁଇ ବ୍ୟକ୍ତି ମିଶିଗଲେ ଆୟତ ପାରନ୍ତି। ପୁରୁଷର ଯୌନଶକ୍ତିକୁ ଯୌବନ କାଳରେ ଦୀର୍ଘସ୍ଥାୟୀ ରଖିବା ପାଇଁ ଚିକିତ୍ସା ଶାସ୍ତ୍ରରେ ଏକ ସ୍ୱତନ୍ତ୍ର ବିଧାନ ଅଛି, ତାର ନାମ ବାଜୀ କାରଣ, ଘୋଡ଼ାର ଅନ୍ୟ ଏକ ଅର୍ଥରେ ବାଜୀ ଗ୍ରହଣ ହୁଏ।

ବାଜୀ ବାଜୀ ବା ଘୋଡ଼ାପରି ତାକତଦାର ରମଣ ଶକ୍ତି ପାଇଁ ବ୍ୟବହୃତ ରସାୟନ ବା ଔଷଧ। ରାମାୟଣରେ ଅଛି ବାନର ଯୋଦ୍ଧା ବାଳୀଙ୍କର ଥିଲା ଲକ୍ଷେ ସିଂହଙ୍କବଳ। ସିଂହ ସହ ମନୁଷ୍ୟଙ୍କୁ ବିନା ଆୟୁଧରେ ଲଢ଼େଇ କରିବାକୁ ଦେଇ ଅନେକ ରାଜା ଏକ ରାକ୍ଷସୀ ଆନନ୍ଦ ଉପଭୋଗ କରୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଯୋଗୀର ଆତ୍ମକଥା ପୁସ୍ତକରେ ଅଛି। ଆମ ରାଜ୍ୟର ଜଣେ ବ୍ରିଟିଶକାଳର ରାଜା ଆଳିର ରାଜା ବ୍ରଜ ସୁନ୍ଦର ଦେବ ଏକ ସର୍କସ ସଂସ୍ଥା କରି କଲିକତାରେ ପ୍ରଦର୍ଶନ ବେଳେ ବଙ୍ଗାଳି ଦର୍ଶକମାନେ କହିଥିଲେ ଏ ରଜା ତାଙ୍କ ଏହି ସର୍କସର ବାଘକୁ ଅଫିମ ଖାଇବାକୁ ଦେଇ ପୋଷା ମନାଇ ଖେଳ କରୁଛନ୍ତି ସିନା କଲିକତାରେ ଥିବା ଚିଡ଼ିଆଖାନାର ବାଘ ସହ କଣ ଏପରି ଖେଳ କରିପାରିବେ? ପରଦିନ ବଙ୍ଗାଳି ଲୋକେ ଦେଖିଲେ ସମ୍ପୃକ୍ତ ଚିଡ଼ିଆଖାନା ଏକ ରୟାଲ ବେଙ୍ଗଲ ବାଘ ଉପରେ ବସି ରାସ୍ତାରେ ବୁଲିଥିଲେ। ସେ କେତେ ଶକ୍ତିଶାଳୀ ରାଜପଥରେ ଲୋକେ ଦେଖିଲେ। ରାଜା ବ୍ରଜସୁନ୍ଦର ଦେବ ରିଙ୍ଗ ଲିଡ଼ର ହୋଇ ମେଲା ଫାଙ୍କାରେ ସାଂଘାତିକ ହିଂସ୍ର ବାଘକୁ ନେଇ ସର୍କସରେ ଖେଳ ଦେଖାଉଥିଲେ।

ସାରା ଭାରତ, ବର୍ମା. ସେ ୧୯୩୦ରୁ ୧୯୪୦ ମସିହା ଯାଏ ତାଙ୍କ ସର୍କସ ସଂସ୍ଥା ଚାଲିଥିଲା। ବାଘ ଶବ୍ଦରେ ମହାବଳ ସଂଯୋଗ ଅଛି। ବାଘଙ୍କ ଶକ୍ତି ଅପ୍ରମିତ। ମା ଅମ୍ବିକା ବାହାନ ବାଘ। କୁହାଯାଏ ବାଘ ଠାରୁ ସିଂହ ଆହୁରି ବଳବାନ, ଦୁର୍ଗାଙ୍କ ବାହାନ ଦୁର୍ଗା। ଏବେ ସହର ମାନଙ୍କରେ ବହୁଳ ଜନ ପଦରେ ଦୁର୍ଗା ପୂଜା। କିନ୍ତୁ ପ୍ରକୃତରେ ସେ ବନରେ ପ୍ରପୂଜିତା ବନଦୁର୍ଗା। ସୁରଥ ରାଜା ମେଧାସ ଋଷିଙ୍କ ଶକ୍ତ ଦୀକ୍ଷା ଉପଦେଶରୁ ହୃତ ରାଜ୍ୟ ଫେରି ପାଇବା ପରେ ତାଙ୍କ ରାଜଧାନୀରେ ସିଂହ ବାହିନୀ ଦୁର୍ଗା ଆରମ୍ଭ କରିଥିଲେ। ଅଭଙ୍ଗ ବଙ୍ଗ ରାଜ୍ୟରେ ପ୍ରଖ୍ୟାତ ଜମିଦାର ସାବର୍ଣ୍ଣ ଚୌଧୁରୀ ମହୋଦୟ ବଙ୍ଗ ରାଜ୍ୟର ମୃଣ୍ମୟୀମୂର୍ତ୍ତିର ଦୁର୍ଗାପୂଜା ଉତ୍ତମ କୁମ୍ଭାର ମୂର୍ତ୍ତି କାରିଗରଙ୍କ ଦ୍ୱାରା ତୟାର କରିଥିଲେ। ଏହା ଶକ୍ତି ଉପାସନାରେ ଏକ ମୂର୍ତ୍ତି ଆଧାରର ଏକାଂଶ। ଆମ ଜଗନ୍ନାଥ ମନ୍ଦିର ସହ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଇତିହାସ ଜଡ଼ିତ। ଭକ୍ତ ପାଇଁ ଭଗବାନ ଯୁଦ୍ଧ ଯାତ୍ରାରେ ଦୈବୀ ଶକ୍ତି ଅର୍ପଣ କରନ୍ତି ତାର ପ୍ରମାଣ ରହିଯାଇଛି। ମାଣିକ ଗୋପାଳୁଣୀ ପ୍ରଭୁଙ୍କ ରତ୍ନ ମୁଦି ଦଧି ପାତ୍ରରେ ପଡ଼ିଥିବା ସେ ରତ୍ନମୁଦିରେ ପ୍ରଭୁଙ୍କର ରୂପାଙ୍କିତ ସେ ମୁଦିର ସ୍ମୃତି ପରକାଳରେ ଭକ୍ତର ରକ୍ଷକ ଦଧି ବାମନ ରୂପେ ଭକ୍ତଙ୍କ ଘରେ ଘରେ ଉପାସନା।

ଜଣେ ଗୋପାଳୁଣୀର ସେବା ମୁଗ୍ଧରେ ତାର ଦରିଦ୍ରତାକୁ ଲୋପକରି ତାକୁ ଏକ ପାଟଣାର ଜମିଦାରୀ ପ୍ରଦାନ କେମିତି ପ୍ରଭୁ କରିପାରନ୍ତି ତାହା ନିଷ୍ଠା ସେବା ଭକ୍ତି ସମ୍ଭବ ହୋଇପାରେ ତାର ନଜିର ରଖିଛନ୍ତି। ରାଜା ଜିତିଛନ୍ତି, ମାନ, ସଂକଳ୍ପ ରକ୍ଷା ପ୍ରଭୁଙ୍କ ଶକ୍ତିରେ ହୋଇଛି ତାର ଉଦାହରଣ ରହିଯାଇଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ନାମଶକ୍ତି ଲୋକେ ଜାଣିଲେ ସେତେବେଳେ ପଞ୍ଚ ଶଖାଙ୍କ ପ୍ରକଟ କାଳ ଭକ୍ତିରେ କେମିତି ଭଗବାନ ବଶ ହୋଇପାନ୍ତି ଶାସ୍ତ୍ର ଗୁଡ଼ିକୁ କ୍ଲିଷ୍ଟରୁ ସରଳରେ ଲୋକଙ୍କୁ ବୁଝାଇ ଧର୍ମ ମାର୍ଗରେ ଜୀବନ ନିର୍ବାହ କରିହେବ ଏସବୁ ରାଜାଙ୍କ ଆନୁଗତ୍ୟ ପୃଷ୍ଠ ପୋଷକରୁ ପ୍ରସ୍ତୁତ ବହୁତ ଗ୍ରନ୍ଥ ଏବେ ବି ଉପଲବ୍ଧ। ଗ୍ରନ୍ଥ ଏକ ବିଶେଷ ଶକ୍ତି ଯେ ଅଜ୍ଞାନ ତିମିର ପାଠକଙ୍କର ଅପସାରଣ କରାଏ। କାହିଁ କାଳରୁ ଆଦିଗ୍ରନ୍ଥ ବେଦ ସନାତନ ଆର୍ଯ୍ୟ ଜାତିର ଶକ୍ତି ସନ୍ନିଧାନ। ଚୈତନ୍ୟଙ୍କ ମାର୍ଗରେ ପରେ ପରେ , ଦିବ୍ୟଗୁରୁ ରାଧାରମଣ ଦେବ ତାଙ୍କ ପରେ ନାମାଚାର୍ଯ୍ୟ ବାୟାବାବା ନାମଶକ୍ତି କଣ ଜନ ସମୂହରେ ପ୍ରଚାର କରି ଆଜି ଚିର ସ୍ମରଣୀୟ। ଏ ଯୁଗର ନାମ କଳି, କଥାକଥାକେ କଳି ଘରେ ଘରେ କଳି ସବୁ ସ୍ତରରେ କଳିଏହାର ପ୍ରତିକାରର ଏକବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟର ଏକ ବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟ ସଂସାର କର୍ମ ସହିତ ଜଡ଼ିତ ରଖବାକୁ ପଡ଼ିବ। ସର୍ବାଧାର ସୂର୍ଯ୍ୟ, ଶାସ୍ତ୍ରରେ ଅଛି ସର୍ଯ୍ୟଙ୍କ ଜନ୍ମ କଳିଙ୍ଗଦେଶ, ଅତ୍ୟନ୍ତ ବିଚାର ବିଷୟ ସେ ଜଣେ ଓଡ଼ିଶାବାସୀ ଓଡ଼ିଆ,ହେଲେ ଅନେକ ବଡ଼, ତାଙ୍କର ବିନା ପୃଥିବୀ କଣ ଅନ୍ୟ ଗ୍ରହ ମାନେ ବି ଅଥର୍ବ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ପୁତ୍ରଙ୍କୁ କୁଷ୍ଠ ରୋଗ ଧରିଲା ସେ ବହୁତ ଜ୍ଞାନୀ ପରାମର୍ଶ କରି ସିଦ୍ଧାନ୍ତରେ ପହଞ୍ଚି ମଗ ବ୍ରହ୍ମାଣ ମାନଙ୍କୁ ସୂର୍ଯ୍ୟ ଆରାଧନା ପାଇଁ ଅର୍କ କ୍ଷେତ୍ରର ମୈତ୍ରେୟ ବନକୁ ପଠାଇ ଥିଲେ ଉପାସନା ସଫଳ ହୋଇଥିଲା ଶାମ୍ବ ସୁସ୍ଥ ହୋଇ ଦ୍ୱାରିକା ଫେରିଥିଲେ।

ଏବେ ବି ଓଡ଼ିଶାରେ ଶାମ୍ବ ଦଶମୀ ପୂଜା ମାଆ ମାନେ ତାଙ୍କ ପିଲାଙ୍କ ଆରୋଗ୍ୟ କାମନା କରି ବାଇଗଣ ପତ୍ରରେ ସକାର ସହ ପିଠା ଅନ୍ନ ସୂର୍ଯ୍ୟଙ୍କୁ ଅର୍ପଣ କରୁଛନ୍ତି। ସୂର୍ଯ୍ୟ ବଡ଼ ଜମିଦାର ତାଙ୍କ ଜମିଦାରୀରେ ପୃଥିବୀରେ ସର୍ବେ ବାସିନ୍ଦା ତାଙ୍କର ପ୍ରଭାତ ଗସ୍ତ ଆରମ୍ଭ କାଳରେ ସମସ୍ତଙ୍କୁ ଜାଗ୍ରତ ସେ ସଂଦର୍ଶନ କରିବାକୁ ଚାହାଁନ୍ତି। ଯେ ଜାଗ୍ରତ ହୋଇ ତାଙ୍କୁ ଦୃଷ୍ଟି ଶକ୍ତିରେ ନ ଦେଖେ ଶରୀର ସକାଳ କିରଣରେ ସୂର୍ଯ୍ୟ ସ୍ନାନ ନକରେ, ଜମିଦାରୀ କୋପ ଆରମ୍ଭ କାହୁଁ ରୋଗ ବ୍ୟକ୍ତିଶରୀରରେ ଆକ୍ରମଣ କରେ। ଏପରି ମାଗଣା ରୋଗ ଅରୋଗ୍ୟକାର ବୈଦ୍ୟ କାହୁଁ ମିଳିବେ, ସମସ୍ତ ଖାଇବା ପିଇବା ଠାରୁ ଜୀବଜଗତର ସମସ୍ତ ମଙ୍ଗଳ କରବା ତାଙ୍କର କାମ। ଆଜି ମନୁଷ୍ୟ ସୋଲାର ବିଦ୍ୟୁତ ପାଇଁ ପୁଣି ତାଙ୍କ ଦାନ ପାଇଁ ପାର୍ଥି ହେଲେଣି। ସାମ୍ୟବାଦୀ ନୀତି ସଂସାରରେ ସମସ୍ତଙ୍କ ପାଇଁ ଏକ ପ୍ରକାର କରୁଣା ହିଁ ଦେଉଛନ୍ତି। ସେ ମହାଶକ୍ତି। ତାଙ୍କର ଶିଷ୍ୟ ମହାବଳୀ ହନୁମାନ ଯେ ଚାରିଯୁଗରେ ପ୍ରତାପୀ ସେ ତାଙ୍କ ସତ୍ୟ ଉପାସକଙ୍କୁ କେବେ ହତାଶ କରନ୍ତି ନାହିଁ। ଆହୁରି ଅନେକ ଶକ୍ତି ଅଗ୍ନି ବାୟୁ ଜଳ ଆକାଶ ପୃଥିବୀ ଏ ମହାଭୂତମାନେ ଆଦିଶକ୍ତି। ନିଜର ବାପା ମା ଏମାନେ ଶକ୍ତି ପ୍ରତ୍ୟେକଙ୍କ ଗୁରୁଶକ୍ତି, ପ୍ରତ୍ୟକଙ୍କ ପୁରୁଷୀ ଶକ୍ତି ଅଛି। ଯାହା ଶକ୍ତି ରେସେମାନେ ଶକ୍ତିବନ୍ତୁ ପୌରୁଷ ପ୍ରକାଶକାରୀ ହେଉଛନ୍ତି। ବିଷ୍ଣୁଙ୍କ ବୈଷ୍ଣବୀ ଶକ୍ତି, ମହେଶ୍ୱରଙ୍କ ମାହେଶ୍ୱରୀ, କୁମାରଙ୍କ କୌମାରୀ, ବରାହଙ୍କ ବାରାହୀ, ନୃସିଂହଙ୍କ ନାରସିଂହୀ , ବ୍ରହ୍ମାଙ୍କ ବ୍ରାହ୍ମଣୀ, ଇନ୍ଦ୍ରଙ୍କ ଐନ୍ଦ୍ରୀ ଶକ୍ତି।

ଆମ ମାନଙ୍କ ଗ୍ରାମ ମାନଙ୍କରେ ସର୍ବତ୍ର ଶକ୍ତି ପୀଠ ଗ୍ରାମଦେବତୀ ଅସ୍ଥାନ ଏହାଙ୍କ ମାର୍ଜନା ଆଜ୍ଞାମାଳ ବିନା ଗୃହାରମ୍ଭ ଗୃହ ପ୍ରତିଷ୍ଠା, ବ୍ରତ ବିବାହ ମଙ୍ଗଳକୃତ୍ୟ କେବେ ହେଉନାହିଁ। ଏହାକୁ କେହି ଅଣଦେଖା କରିବା ଉଚିତ ନୁହେଁ। ଗୋମାତା ଏକ ଶକ୍ତି, ସେ କାମଧେନୁଙ୍କ ନନ୍ଦିନୀ ଗୋପାଳକ ଘରେ ଅଭାବ ନଥାଏ। ଗୋପଗୋପୀ ଗୋପାଳ ଗୋବିନ୍ଦ ଗୋବର୍ଦ୍ଧନ ଏସବୁ ଶବ୍ଦରେ ପ୍ରଥମେ ଗୋ ଶବ୍ଦ ଉଚ୍ଚାରିତ ଏ ପାଇଁ ଏମାନେ ଶକ୍ତିମାନ। ଏ ନାମ ଧରିଲେ ଅନେକ ପୁଣ୍ୟ ହୁଏ। ଗାଈର ପୁଅ କ୍ଳିବ ହୋଇ ହଉ, ବଳଦ ଯେ କୃଷି କାର୍ଯ୍ୟରେ କୃଷକଙ୍କୁ ବଳଦ ଦିଅନ୍ତି। କୃଷକ ଘରେ କେତେ ହଳ ବଳଦରେ ତାଙ୍କ ଅଭିଜାତ୍ୟ ପ୍ରକାଶ ବେଳେ ରାଜଘରେ କେତେ ହାତୀ ସେଥିରେ ତାଙ୍କ ଆଭିଜାତ୍ୟ ପ୍ରକାଶ ହେଉଥିଲା। ପଶୁମାନେ ବି ମାନବର ଏକ ବିଶେଷ ଶକ୍ତି।

ସମ୍ପାଦକ ‘ନିୟତି’ ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି। ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା ‘ଇଡିତାଲ’ କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି। ଏହା ଏକ ପ୍ରକାର ଝୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷକରି କାନ୍ଥରେ ଅଙ୍କନ କରାଯାଇଥାଏ। ଚଳଚ୍ଚିତ୍ର ଦୁନିଆରେ ଆଦିବାସୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି। ଆଦିବାସୀ ଅଳଙ୍କାରର ସ୍ୱାତନ୍ତ୍ର୍ୟ ରହିଛି। କୋରାପୁଟ ଅଞ୍ଚଳ ଆଦିବାସୀ ଅଳଙ୍କାରର ଏକ ସ୍ୱତନ୍ତ୍ର ବଜାର ରହିଛି। ଓଡ଼ିଶଶର ଏସବୁ ଆଦିବାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି। କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ କାଠ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାଉ ରହିଛି। ଜୁଆଙ୍ଗମାନେ ସେମାନଙ୍କର ମଣ୍ଡଘର ପାଇଁ କାଠରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି। ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଞ୍ଚଳର ଲୋଧା, ମାଙ୍କଡିଆ ଓ ଅନ୍ୟ ଆଦିବାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି। ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାରମ୍ପରିକ ଲାଖ ଓ କାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି।

ବହୁ ପ୍ରାଚୀନ କାଳରୁ ଜନଜାତିମାନେ ଜୀବନ ଧାରଣ ପାଇଁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟରୁ ଘରେ ବ୍ୟବହୃତ ବସ୍ତୁ, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି କରୁଥିଲେ। କିନ୍ତୁ ଆଧୁନିକତାର ଆଢୁଆଳରେ ସେ ସବୁର ବ୍ୟବହାର କମିବାରେ ଲାଗିଛି। ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ୟୁଟ୍ୟୁବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହେଲାଣି।

କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବକଳ ଠାରୁ ମଞ୍ଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଳିକ ବୃତ୍ତି ଓ ଆଦିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଉଛନ୍ତି। ଯେପରି ତାଇ ଫଳରୁ ଝମ୍ପି ବା ପାଉଁଜି ତିଆରି କରାଯାଉଛି। ପ୍ରଥମେ ତାଇ ଫଳକୁ ଗରମ ପାଣିରେ ଫୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ। ପରେ ତାହା ମଧ୍ୟରେ ଘୁଙ୍ଗୁର ଦେଇ ପାଉଁଜି ପରି ବ୍ୟବହାର କରାଯାଏ। ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ କାଠି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ। ସେହିପରି ଗୁଞ୍ଜ ମଞ୍ଜି ବା କାଇଁଚ ଭାବେ ଜଣାଶୁଣା ମଞ୍ଜିରୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି। ବିଶେଷକରି କନ୍ଧମାଳର ଡଙ୍ଗରିଆ କନ୍ଧ, ମାଲକାନାଗିରିର କୋଟିଆ, ପରଜା, କମାର, ଚକୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଞ୍ଚାଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପତଳା ବାଉଁଶ ପାତିରୁ ଓ ପ୍ଲାଷ୍ଟିକରୁ ଛାତୋଡ଼ି ବା ବାଉଁଶ ଟୋପି ତିଆରି କରାଯାଇଥାଏ। ଦକ୍ଷିଣ ଓଡ଼ିଶାରେ ଏହାକୁ ତଲାରି ବୋଲି କୁହାଯାଏ।

ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ଡୁଡୁଙ୍ଗା (ପାରମ୍ପରିକ ବୀଣା) ବଇଁଶୀ, ଦାସକାଠିଆ, ଢ଼ୋଲ ଆଦି ତିଆରି କରାଯାଏ। ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାକୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଞ୍ଚାଇ ରଖିଛନ୍ତି। ଯେପରି ତୁମ୍ବା। ତୁମ୍ବା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ। ନୂଆପଡ଼ାର ଚାକୋଟିଆ ଭୁଞ୍ଜିଆ ଜନଜାତି ଲାଉ ତୁମ୍ବାରୁ ଏହାକୁ ତିଆରି କରନ୍ତି। ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ତଲାରି, ଗୁଣୁପୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ। ବର୍ଷାଦିନେ ଆଦିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ। ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଞ୍ଚାଇ ରଖିବା ପାଇଁ ଶିଆଳିପତ୍ର ଡିଲା ତିଆରି କରି ଥାଆନ୍ତି। ସେହିପରି ଚକୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତ୍ତି ହେଉଛି ଝରଣା, ଜଳାଶୟ ଓ ନଈରୁ ମାଛ ଧରିବା। ସେମାନେ ବାଉଁଶରେ ତିଆରି ‘ଯୋଖନୀ’, ‘ଚୋରିଆ’ ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି। ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ଚମତ୍କାର ମାଳି ପ୍ରସ୍ତୁତ କରିଥାନ୍ତି।

ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ଆଢୁଆଳରେ ହଜିବାକୁ ବସିଲାଣି। ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଏହାକୁ ଦେଖିବାକୁ କିମ୍ବା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସମନ୍ୱିତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏଫ) ଅଧୀନରେ ୨୦୨୩ ମସିହାରେ ଆରମ୍ଭ ଫର୍ଗଟନ ଫୁଡ ବା ବିସ୍ମୃତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି। ବିଭିନ୍ନ କଳାକୃତିର ପ୍ରଦର୍ଶନୀ କରିଂଜାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଇଛି।

ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି। କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ କାହିଁକି, ବରଂ ବ୍ଲକ ପଞ୍ଚାୟତ, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟା ମିସନ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ଏମଏମଜେଜେ ଏମ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି। ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃତି ଓ ଜୀବିକାର ବିକାଶ ପାଇଁ ଆଦିବାସୀଙ୍କୁ କୁକୁଡ଼ା, ଛେଳି, ବତକ ବିଭିନ୍ନ ପନିପରିବା ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଳସେଚନର ସୁବିଧା ପାଇଁ ଚେକ ଡ୍ୟାମ ଓ ଗଭୀର ନଳକୂପ ନିର୍ମାଣ କରାଯାଉଛି। ସେହିପରି ଭିଡ଼ିଭିକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ। ଏହି ଯୋଜନା ମାଧ୍ୟମରେ ଆଦିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ବନଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ ବୁଝାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯଉଛି। ବିଶେଷକରି ଆମ୍ବରୁ ଆମ୍ବଷଢ଼ା, ଆମ୍ବ ଆଚାର, ପଣସ ଚିପସ୍, ପଣସ କେକ, ପସଣ ଚକୋଲେଟ, ଶାଳପତ୍ର ଖଲି, ଦନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଆର୍ଟିକିଲ୨୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆଦିବାସୀବହୁଳ ଅଞ୍ଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି। ଏସସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆଦିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାଇଁ ଡ୍ରାଗନ ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟ୍ରବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଡିଏଜେଜିୟୁଏ ଅର୍ଥ ଧରତ୍ରୀ ଅବା ଜନଜାତି ଗୌରବ ଉତ୍କର୍ଷ ଅଭିଯାନ। ଏହି ଯୋଜନା ଜରିଆରେ ଆଦିବାସୀ ଗ୍ରାମ ଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି। ପିଏମଏଏଜିୱାଇ ଅର୍ଥ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଅଭିଯାନ। ଏହି ଯୋଜନା ଜରିଆରେ ଭିତ୍ତିଭୂମି ବିକାଶ ଯଥା ରାସ୍ତା,ପୋଲ, କଲଭର୍ଟ ନିର୍ମାଣ କରାଯାଉଛି । ମୋଟ ଭାଷାରେ କହିବାକୁଗଲେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ତଥା ଶିକ୍ଷା ଯୋଗୁଁ ଜନଜାତି ଗୋଷ୍ଠୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି। ଓଡ଼ିଶାର ଅନେକ ଜନଜାତି ବ୍ୟକ୍ତିତ୍ୱ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଥିବାବେଳେ ତଥାପି ଜନଜାତି ମାନଙ୍କ ଅଗ୍ରଗତି ଓ ବିକାଶ ନିମିତ୍ତ ଆହୁରି ଯୋଜନା ଓ ପ୍ରୋତ୍ସାହନର ବଡ଼ ଗୁରୁତ୍ୱ ଆଶା ରଖିଛି।

‘ବିଭବ’ ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୭୦୦୮୭୫୨୩୧୭
E-mail :
drbichitranandaacharya@gmail.com



ଆମ ବିରୋଧରେ ସାମରିକ ଅଭିଯାନ ହେଲେ ଜବାବ ଦିଆଯିବ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):ରୁଷର ଉପବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ କହିଛନ୍ତି ଯେ, ୟୁରୋପୀୟ ଦେଶଗୁଡ଼ିକ ଉପରେ ଆମର ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ, ଯୋଜନା କିମ୍ବା କାରଣ ନାହିଁ। ୟୁରୋପରେ ସୁରକ୍ଷା ଏବଂ ସହଯୋଗ ସଂଗଠନ ଦ୍ୱାରା ଆୟୋଜିତ ଏକ ଗୋଲଟେବୁଲ ଆଲୋଚନାରେ ରିଆବକୋଭ କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁରୋପରେ ସାମରିକ ସଂଘର୍ଷର ସମ୍ଭାବନା ବିଷୟରେ ଆଲୋଚନା କରୁଛନ୍ତି ଯେପରି ଏହା ପ୍ରାୟ ନିଶ୍ଚିତ ଏବଂ ଅନିବାର୍ଯ୍ୟ। ୟୁରୋପକୁ ରୁଷଠାରୁ କୌଣସି ବିପଦ ନାହିଁ। ରୁଷ ବୈଦେଶିକ ମନ୍ତ୍ରଣାଳୟର ୱେବସାଇଟରେ ପ୍ରକାଶିତ ଏକ ବିବୃତି ଅନୁଯାୟୀ, ଉପ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ରୁଷ କାହା ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ ଏବଂ ନିକଟ କିମ୍ବା ଦୀର୍ଘକାଳୀନ ଭାବରେ କୌଣସି ଦେଶ ଉପରେ ଆକ୍ରମଣ କରିବାର କୌଣସି ଯୋଜନା ନାହିଁ। ତେବେ ସେ ଚେତାବନୀ ଦେଇ ଏହା ମଧ୍ୟ କହିଛନ୍ତି ଯେ, ଯଦି ରୁଷ ଉପରେ ଆକ୍ରମଣ କରାଯାଏ, ତେବେ ମସ୍କ ଜବାବ ଦେବାକୁ ବାଧ୍ୟ ହେବ। କିଛି ୟୁରୋପୀୟ ସରକାର ରୁଷ-ୟୁକ୍ରେନ ବିବାଦର ଅନ୍ତ ପାଇଁ ଗମ୍ଭୀର ନୁହଁନ୍ତି। ତାଙ୍କ ଅନୁସାରେ, ସମସ୍ତ ପକ୍ଷଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ବିବାଦର ସମାଧାନ ହୋଇପାରିଥାନ୍ତା, କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନକୁ ଏକ ଯୁକ୍ତିଯୁକ୍ତ ସମାଧାନ ପରିତ୍ୟାଗ କରି ଯୁଦ୍ଧର ପଥ ବାଛିବାକୁ ଉତ୍ସାହିତ କରିଥିଲେ।ରୁଷ-ୟୁରୋପ ସମ୍ପର୍କର ଭବିଷ୍ୟତ ବିଷୟରେ କହିବାକୁ ଯାଇ ସେ କହିଛନ୍ତି ଯେ, ମସ୍କ ଆଶା କରୁଛି, ୟୁରୋପୀୟ ଦେଶମାନେ ସମାନତା, ସହଭାଗୀ ସୁରକ୍ଷା, ବାସ୍ତବବାଦୀ ଚିନ୍ତାଧାରା ଏବଂ ପରସ୍ପରର ସ୍ୱାର୍ଥ ପ୍ରତି ସମ୍ମାନ ଆଧାରରେ ରୁଷ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ ହେବେ। ରୁଷ ଏବଂ ଏହାର ସହଯୋଗୀଙ୍କ ସ୍ୱାର୍ଥକୁ ବିଚାରକୁ ନ ନେଇ ୟୁରୋପରେ ଦୀର୍ଘକାଳୀନ ସ୍ଥିରତା ହାସଲ କରାଯାଇପାରିବ ନାହିଁ।କାର୍ଯ୍ୟକ୍ରମରେ ଭିଏନାରେ ସାମରିକ ସୁରକ୍ଷା ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଆଲୋଚନାରେ ରୁଷିଆ ପ୍ରତିନିଧିମଣ୍ଡଳର ମୁଖ୍ୟ ୟୁଲିଆ ଝଡାନୋଭା କହିଛନ୍ତି ଯେ, ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କର ନାଗରିକମାନଙ୍କୁ ଏପରି ଭବିଷ୍ୟତ ପ୍ରଦାନ କରୁନାହାନ୍ତି ଯାହା ରୁଷ ସହିତ ସଂଘର୍ଷର ସମ୍ଭାବନା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପ୍ରଦାନ କରିବ। ସେ ନାଟୋର ବୃଦ୍ଧିକୁ ନିୟନ୍ତ୍ରଣ କରିବା ରଣନୀତିକୁ କ୍ଷତିକାରକ ବୋଲି ବର୍ଣ୍ଣନା କରି କହିଛନ୍ତି, ରୁଷ ଏବଂ ନାଟୋ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ବିଶ୍ୱାସ କରିବା ଭୁଲ୍।ଝଡାନୋଭାଙ୍କ ଅନୁଯାୟୀ, ଏହି ରଣନୀତି ନାଟୋ ଏବଂ ଇୟୁକୁ ଅବିଚାରୀ ପଦକ୍ଷେପ ନେବାକୁ ଉତ୍ସାହିତ କରୁଛି ମାତ୍ର ସାମରିକ ବିପଦ ହ୍ରାସ କରିବା ପାଇଁ କିଛି କରୁ ନାହିଁ।



ସୋନିଆଙ୍କ ପୁସ୍ତକର ନାଁ 'ବିଲଙ୍ଗିଂ' ନୁହେଁ, 'ହ୍ୱାଇଟୱାସିଂ' ହେବା ଉଚିତ: ବିଜେପି

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନୂଆ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'କୁ ନେଇ ବିଜେପି ତୀବ୍ର ସମାଲୋଚନା କରିଛି। ପୁସ୍ତକର ନାଁ 'ବିଲଙ୍ଗିଂ' ବଦଳରେ 'ହ୍ୱାଇଟୱାସିଂ' (ଅତୀତର ଭୁଲ୍‌କୁ ଲୁଚାଇବା) ରଖାଯିବା ଉଚିତ ଥିଲା ବୋଲି ବିଜେପି କହିଛି। ଗାନ୍ଧୀ ପରିବାର ଓ କଂଗ୍ରେସର ଅତୀତର ଭୁଲ୍‌କୁ ଘୋଡ଼ାଇବା ପାଇଁ ଏହି ପୁସ୍ତକରେ ଉଦ୍ୟମ ହୋଇଛି ବୋଲି ଦଳ ଅଭିଯୋଗ କରିଛି।ମଙ୍ଗଳବାର ନୂଆଦିଲ୍ଲୀରେ ପୁସ୍ତକଟି ପ୍ରକାଶ ପାଇବା ପରେ ବିଜେପିର ଜାତୀୟ ମୁଖପାତ୍ର ସି.ଆର୍. କେଶବନ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ବିବୃତି ଦେଇ ଏହି ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ପୁସ୍ତକର ଉଦ୍ଦେଶ୍ୟ ନେହରୁ-ଗାନ୍ଧୀ ପରିବାରର ଐତିହାସିକ ଭୁଲ୍‌ଗୁଡ଼ିକୁ ହାଲୁକା କରି ଦେଖାଇବା ଏବଂ କଂଗ୍ରେସର ଅତୀତର କାର୍ଯ୍ୟକଳାପକୁ ଘୋଡ଼ାଇବା। କେନ୍ଦ୍ରରେ ପ୍ରାୟ ୫୫ ବର୍ଷର କଂଗ୍ରେସ ଶାସନ ଦେଶର ରାଜନୀତି ଓ ଗଣତନ୍ତ୍ରକୁ ଗଭୀର କ୍ଷତି ପହଞ୍ଚାଇଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି।୧୯୭୫ର ଜରୁରୀ ପରିସ୍ଥିତି ପ୍ରସଙ୍ଗରେ ସୋନିଆଙ୍କ ମନ୍ତବ୍ୟକୁ ନେଇ ବିଜେପିର ଏହି ଆକ୍ରମଣ ଆସିଛି। ପୁସ୍ତକରେ ସୋନିଆ ଜରୁରୀ ପରିସ୍ଥିତିକୁ ଏକ ଭୁଲ୍ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ଶାଶୂ ତଥା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ୍ୟ ପରବର୍ତ୍ତୀ ସମୟରେ ଏହାକୁ ଭୁଲ୍ ବୋଲି ବୁଝିଥିବେ ବୋଲି ସୋନିଆ ଲେଖିଛନ୍ତି। ଏହା ସହ ଇନ୍ଦିରା ଗାନ୍ଧୀ ତାଙ୍କ ସାନପୁଅ ସଞ୍ଜୟ ଗାନ୍ଧୀଙ୍କୁ ନିୟନ୍ତ୍ରଣରେ ରଖିଥିଲେ ଜରୁରୀ ପରିସ୍ଥିତି ପରବର୍ତ୍ତୀ ଅନେକ କ୍ଷତିକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ମଧ୍ୟ ସେ ମତ ଦେଇଛନ୍ତି। କେଶବନ୍ ଅଭିଯୋଗ କରିଛନ୍ତି ଯେ, ସୋନିଆ ଜରୁରୀ ପରିସ୍ଥିତିରେ ମୌଳିକ ଅଧିକାର ସ୍ଥଗିତ ରହିବା, ଗଣମାଧ୍ୟମ ଉପରେ କଟକଣା ଏବଂ ଅନ୍ୟାନ୍ୟ ଅତ୍ୟାଚାରର ଗୁରୁତ୍ୱକୁ ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ସାଧାରଣ ଘଟଣା ଭାବେ ଦେଖାଇବାକୁ ଚେଷ୍ଟା କରିଛନ୍ତି।ସେହିପରି ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଘଟଣାକୁ ମନେ ପକାଇ ସୋନିଆ ଦୁଃଖ ପ୍ରକାଶ କରିଥିବା ପ୍ରସଙ୍ଗରେ କେଶବନ୍ ପ୍ରଶ୍ନ ଉଠାଇଛନ୍ତି। ୧୯୮୪ରେ ଶିଖ୍ ବିରୋଧୀ ହିଂସାରେ ଗୁରୁଦ୍ୱାରଗୁଡ଼ିକ ଉପରେ ଆକ୍ରମଣ ଓ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟଣାରେ ସୋନିଆ ସମାନ ଭାବେ ଦୁଃଖ ପ୍ରକାଶ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ୨୦୦୮ର ବାଟଲା ହାଉସ୍ ଏନ୍‌କାଉଣ୍ଟର ପ୍ରସଙ୍ଗରେ ସୋନିଆଙ୍କ ଭାବପ୍ରବଣ ପ୍ରତିକ୍ରିୟାକୁ ନେଇ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଦେଶର ସୁରକ୍ଷା ପାଇଁ ପ୍ରାଣ ହରାଇଥିବା ସିଆର୍‌ପିଏଫ୍ ଯବାନଙ୍କ ପ୍ରତି ସମାନ ସମବେଦନା ଥିଲା କି ବୋଲି ସେ ପଚାରିଛନ୍ତି। ଏହା ସହ ୨୦୦୮ ନଭେମ୍ବର ୨୬ର ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ତତ୍କାଳୀନ ଉପା ସରକାର କାହିଁକି ପ୍ରତିଆକ୍ରମଣ କରିନଥିଲେ, ତାହାର ଉତ୍ତର ମଧ୍ୟ ପୁସ୍ତକରେ ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।



ୟୁକେର ଏୟାରବେସ୍‌ରୁ ଲଢୁଆ ବିମାନ ହଟାଇଲା ଆମେରିକା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଇରାନ ପକ୍ଷରୁ କରାଯାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ବ୍ରିଟେନରେ ଥିବା ଏହାର ସାମରିକ ଘାଟିରେ ସୁରକ୍ଷା ବୃଦ୍ଧି କରିବା ପାଇଁ ବିମାନ ସ୍ଥାନାନ୍ତର କରିବା ଆରମ୍ଭ କରିଛି। ଆମେରିକା ସେନା ବ୍ରିଟେନର ଆରଏଏଫ ମିଲଡେନହଲ ଏୟାରବେସ୍‌ରୁ ଅନେକ ସାମରିକ ବିମାନକୁ ଜର୍ମାନୀ ଏବଂ ଅନ୍ୟାନ୍ୟ ଘାଟିକୁ ସ୍ଥାନାନ୍ତର କରିଛି। କିଛି ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ଆମେରିକା ସେନା ପକ୍ଷରୁ ବ୍ରିଟେନରେ ଥିବା ସାମରିକ ଏୟାରବେସ୍‌ରୁ ବିମାନ ସ୍ଥାନାନ୍ତର କରିବାକୁ ପଡିଛି। ଏହି ଅଞ୍ଚଳରେ ଇରାନ ଦ୍ୱାରା ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଇରାନର ଧମକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାର ବିମାନ ଗତିବିଧି ସମ୍ପର୍କରେ ୟୁକେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ସେମାନଙ୍କ ମନ୍ତ୍ରଣାଳୟ ସାଧାରଣତଃ ଅନ୍ୟ ଦେଶର ସାମରିକ କାର୍ଯ୍ୟକଳାପ ଉପରେ ମନ୍ତବ୍ୟ ଦିଏ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ, କାର୍ଯ୍ୟକ୍ଷମ ଆବଶ୍ୟକତା ଅନୁସାରେ ବିମାନ ଏବଂ ସାମରିକ ସମ୍ବଳ ନିୟମିତ ଭାବରେ ବିଭିନ୍ନ ଘାଟିକୁ ସ୍ଥାନାନ୍ତରିତ ହୋଇଥାଏ।

ଘନ କୁହୁଡି ଯୋଗୁ ସିରିଜ ଦୁର୍ଘଟଣା, ୧୨ ମୃତ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ପୂର୍ବ ବୁଲଗେରିଆର ଏକ ମୋଟର ୱେରେ ଘନ କୁହୁଡି ଯୋଗୁ ଅନେକ ଗାଡ଼ି ମଧ୍ୟରେ ଧକ୍କା ଲାଗିଛି। ଏହି ସିରିଜ ଦୁର୍ଘଟଣାରେ ଅନ୍ୟୁନ୍ୟ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୯ରୁ ଅଧିକ ଲୋକେ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କାତ୍ୟା ଇଭକୋଭା କହିଛନ୍ତି ଯେ ଏହି ଦୁର୍ଘଟଣା ରାଜଧାନୀ ସୋଫିଆକୁ ବ୍ଲାକ୍ ସି ପୋର୍ଟ ବୁର୍ଗାସକୁ ସଂଯୁକ୍ତ କରୁଥିବା ମୋଟରୱେରେ ହୋଇଛି। କମ ଦୃଶ୍ୟତା ଯୋଗୁ ଦୁଇଟି ବଡ଼ ଧରଣର ଦୁର୍ଘଟଣା ଘଟିଛି। ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇଛନ୍ତି।ଏହି ସିରିଜ ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ବେଳେ ଭାଇରାଲ ହୋଇଯାଇଛି। ଏହି ଭିଡିଓରେ ହାଇୱେର ୬ ଲେନରେ କାର ଓ ଟ୍ରକ୍ ପରସ୍ପର ସହ ଧକ୍କା ଲାଗି ଏଣେତେଣେ ଛିନଛତ୍ର ହୋଇପଡିଛନ୍ତି। ଦୁର୍ଘଟଣାରେ ଅନେକ ଗାଡି ଜଖମ ହୋଇଥିବା ବେଳେ ଆଉ କେତେକ ଗାଡି ଉପରେ ଗାଡି ଚଢି ଯାଇଛି। ଏଥିରୁ କିଛି ଓଲଟି ପଡିଥିବା ବେଳେ ଅନେକ ସଡ଼କ କଡକୁ ଗଡି ଯାଇଛନ୍ତି। ଏହି ସିରିଜ ଦୁର୍ଘଟଣା ଲାଗି ଜାତୀୟ ରାଜମାର୍ଗକୁ ଉଭୟ ପଟରୁ ବନ୍ଦ କରିବାକୁ ପଡିଥିଲା। ଏଣୁ ଜାତୀୟ ରାଜମାର୍ଗର ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡି ଧାଡି ହୋଇଯାଇଛି।ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସିରିଜ ଦୁର୍ଘଟଣାରେ ୧୦ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ଓ ଅନ୍ୟ ୨ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ଆହତ ୪୬ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ଏଣୁ ମୃତ୍ୟୁ ସଂଖ୍ୟା ବଢିବା ନେଇ ଆଶଙ୍କା କରାଯାଉଛି। ତେବେ ସିରିଜ ଦୁର୍ଘଟଣାର କାରଣ ଓ ଏଥିରେ ଭାଙ୍ଗିରୁଜି ଯାଇଥିବା ଗାଡିଙ୍କୁ ନେଇ ଅଧିକାରୀ ବିଶେଷ କିଛି କହିନାହାନ୍ତି। ଜାତୀୟ ରାଜମାର୍ଗରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିଙ୍କୁ ହଟାଇ ସଡକକୁ ପୁଣିଥରେ ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଉଛି।

୯୦ ଡଲାର ତଳକୁ ଖସିଲା ଅଶୋଧିତ ତେଲ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୯୦ ଡଲାର ତଳକୁ ହ୍ରାସ ପାଇଛି। ଅଗଷ୍ଟ ମାସଠାରୁ ପ୍ରଥମ ଥର ପାଇଁ ଏହା ହୋଇଛି। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଆମେରିକା କଂଗ୍ରେସ ଡେମୋକ୍ରାଟିକ୍ ? ଦଳର ନିୟନ୍ତ୍ରଣକୁ ଯାଇଛି। ଏଥିଯୋଗୁ ଆଗାମୀ ଦିନରେ ଇରାନ ବିରୋଧରେ ଆମେରିକା ରା ?ଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନରମ ଆଭିମୁଖ୍ୟ ପୋଷଣ କରିପାରନ୍ତି ବୋଲି ଆଶା କରାଯାଉଛି। ଏହା ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୋମବାର ବ୍ରେଣ୍ଟ କ୍ରୁଡ୍ ? ଦର ୬ ପ୍ରତିଶତ କମିଥିବାବେଳେ ମଙ୍ଗଳବାର ଏଥିରେ ୩.୧ ପ୍ରତିଶତ ହ୍ରାସ ହୋଇଛି। ଅକ୍ଟୋବର ମାସରେ ଅଶୋଧିତ ତେଲ ଦର ଗତ ୬ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। କିନ୍ତୁ ଚଳିତମାସରେ ଦର କମିବାରେ ଲାଗିଛି।

ମୋଦୀ ମୋତେ ଦେଖିଲେ ଆଖିରେ ଆଖି ମିଶାନ୍ତି ନାହିଁ: ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ପ୍ରାୟ କୌଣସି ବ୍ୟକ୍ତିଗତ ଯୋଗାଯୋଗ ନାହିଁ। ଦୁହେଁ ଯେତେବେଳେ ସାମ୍ନାସାମ୍ନି ହୁଅନ୍ତି, ମୋଦୀ ଔପଚାରିକ ନମସ୍କାର କରିବା ପରେ ଆଖିରେ ଆଖି ମିଶାଇବା ପରିବର୍ତ୍ତେ ଅନ୍ୟ ଆଡ଼କୁ ଚାହାନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିଜର ନୂଆ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ରେ ଏହି ମନ୍ତବ୍ୟ ଦେଇଛନ୍ତି।ସୋନିଆ ଲେଖିଛନ୍ତି ଯେ, ନରେନ୍ଦ୍ର ଦାମୋଦରଦାସ ମୋଦୀ ୧୨ ବର୍ଷରୁ ଅଧିକ ସମୟ ଧରି ଦେଶର ପ୍ରଧାନମନ୍ତ୍ରୀ ଅଛନ୍ତି ଏବଂ ବର୍ତ୍ତମାନ ତୃତୀୟ ପାଳିରେ କାର୍ଯ୍ୟ କରୁଛନ୍ତି। ଏତେ ଦୀର୍ଘ ସମୟ ଧରି ଦେଶର ରାଜନୀତିରେ ଉଭୟ ଶୀର୍ଷସ୍ତରରେ ଥିଲେ ମଧ୍ୟ ଉଭୟଙ୍କ ଭିତରେ କୌଣସି ଅର୍ଥପୂର୍ଣ୍ଣ ଆଲୋଚନା ହୋଇନାହିଁ। ସଂସଦର ପ୍ରତ୍ୟେକ ଅଧିବେଶନ ଶେଷରେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ ନେତାମାନେ ଲୋକସଭା ବାଚସ୍ପତିଙ୍କ କକ୍ଷରେ ଏକାଠି ହୁଅନ୍ତି। ଏଭଳି ଅର୍ଦ୍ଧ-ଔପଚାରିକ ବୈଠକରେ ହିଁ ତାଙ୍କର ମୋଦୀଙ୍କ ସହ ସାକ୍ଷାତ ହୁଏ। ସେଠାରେ ଉଭୟେ କେବଳ ଔପଚାରିକ ଭାବେ ପରସ୍ପରକୁ ନମସ୍କାର ଓ ପ୍ରତିନମସ୍କାର କରନ୍ତି। ଅତୀତରେ ଭିନ୍ନ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ଯେଉଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହୁଥିଲା, ଏବେ ତାହା ଦେଖିବାକୁ ମିଳୁନାହିଁ ବୋଲି ସେ ଲେଖିଛନ୍ତି।ଏହି ସାମାନ୍ୟ ସାକ୍ଷାତ୍ ବ୍ୟତୀତ ଦୁହିଁଙ୍କ ମଧ୍ୟରେ କେବେ ପ୍ରକୃତ ଆଲୋଚନା ହୋଇନାହିଁ। ତେବେ ଜନ୍ମଦିନ ଓ ନୂଆବର୍ଷ ଅବସରରେ ଉଭୟେ ପରସ୍ପରକୁ ଔପଚାରିକ ଶୁଭେଚ୍ଛା ଜଣାଇଥାନ୍ତି। ସୋନିଆ ଡାକ୍ତରଖାନାରୁ ଫେରିବା ପରେ ମୋଦୀ କେତେକ ସମୟରେ ତାଙ୍କୁ 'ଆପଣ ଠିକ୍ ଅଛନ୍ତି କି' ବୋଲି ପଚାରିଥିବା କଥା ମଧ୍ୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏହାର ଉତ୍ତରରେ ସେ 'ହଁ, ଏବେ ଠିକ୍ ଅଛି, ଧନ୍ୟବାଦ' ବୋଲି କହିଥିଲେ।ମୋଦୀ ଓ ତାଙ୍କ ମଧ୍ୟରେ ଥିବା ଦୂରତା କେବଳ ବ୍ୟକ୍ତିଗତ ନୁହେଁ, ବରଂ ଦୁହିଁଙ୍କର ଭାରତ ସମ୍ପର୍କିତ ଦୃଷ୍ଟିକୋଣରେ ମଧ୍ୟ ମୌଳିକ ପାର୍ଥକ୍ୟ ରହିଛି ବୋଲି ସୋନିଆ କହିଛନ୍ତି। ତାଙ୍କ ମତରେ, ମୋଦୀଙ୍କ ଭାରତ ସମ୍ପର୍କିତ ଚିନ୍ତାଧାରା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବିଚାରଧାରା ଦ୍ୱାରା ଗଠିତ। ଅନ୍ୟପକ୍ଷରେ ତାଙ୍କ ନିଜର ଭାରତ ଚିନ୍ତାଧାରା ପରିବାରର ସେବାଭାବ, ସ୍ୱାଧୀନତା, ସମାନତା ଓ ବିଭିନ୍ନ ଧର୍ମ, ଭାଷା ଓ ସଂସ୍କୃତିର ସହାବସ୍ଥାନ ଉପରେ ଆଧାରିତ। ତେବେ ଉଭୟଙ୍କ ମଧ୍ୟରେ ଏହାକୁ ସେ ବ୍ୟକ୍ତିଗତ ବିବାଦ ଭାବେ ଦେଖୁନାହାନ୍ତି। ମୋଦୀ ନିଜ ଭାରତ ଦୃଷ୍ଟିକୋଣ ପାଇଁ ଲଢୁଥିବା ବେଳେ ସେ ଅନ୍ତର୍ଭୁକ୍ତୀକରଣ, ଧର୍ମନିରପେକ୍ଷତା ଓ ସାମାଜିକ ନ୍ୟାୟ ଆଧାରିତ ଭାରତ ପାଇଁ ଲଢୁଛନ୍ତି ବୋଲି ପୁସ୍ତକରେ ଲେଖିଛନ୍ତି।



ଅଜିତ ଡୋଭାଲ ଏବଂ ପୂର୍ବତନ ର' ମୁଖ୍ୟଙ୍କ ବିରୋଧରେ ମାମଲା ରୁଜୁ କରିବେ ଖଲିସ୍ତାନୀ ପନ୍ନୁ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆମେରିକାର ଏକ କୋର୍ଟ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁଙ୍କୁ ଭାରତର ଏନଏସଏ ଅଜିତ ଡୋଭାଲ ଏବଂ ପୂର୍ବତନ ର' ମୁଖ୍ୟ ସାମନ୍ତ ଗୋଏଲଙ୍କ ବିରୋଧରେ ଦିଲ୍ଲୀ କୋର୍ଟ ମାଧ୍ୟମରେ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ଦେଇଛନ୍ତି। ଦିଲ୍ଲୀ କୋର୍ଟ ମାଧ୍ୟମରେ ଆଇନଗତ ସମନ ଜାରି କରିବାକୁ କୋର୍ଟ କହିଛନ୍ତି। ନିଷିଦ୍ଧ ଶିଖ୍ ଫର୍ ଜଷ୍ଟିସ୍ ଗୋଷ୍ଠୀର ନେତା ଏବଂ ଜଣେ ଆମେରିକୀୟ-କାନାଡିଆନ୍ ନାଗରିକ ଗୁରୁପତୱନ୍ତ ସିଂହ ପନ୍ନୁ ନ୍ୟୁୟର୍କ ଜିଲ୍ଲା କୋର୍ଟରେ ଏକ ମାମଲା ଦାୟର କରିଥିଲେ ଯେଉଁଥିରେ ସେ ଆମେରିକା ମାଟିରେ ତାଙ୍କୁ ହତ୍ୟା କରିବାର ବିଫଳ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଥିଲେ।ପନ୍ନୁ ତାଙ୍କ ଦେୱାନୀ ମାମଲାରେ ଭାରତ ସରକାର, ଅଜିତ ଡୋଭାଲ, ସାମନ୍ତ ଗୋଏଲ, ର' ଅଧିକାରୀ ବିକ୍ରମ ଯାଦବ ଏବଂ ବର୍ତ୍ତମାନ ଆମେରିକାରେ ବନ୍ଦୀ ଥିବା ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କ ନାମ ନେଇଛନ୍ତି। ପନ୍ନୁ ମାନସିକ ଯନ୍ତ୍ରଣା ଏବଂ ଆକ୍ରମଣ ଉଦ୍ୟମ ଅଭିଯୋଗ କରି ଭାରତ ଠାରୁ କ୍ଷତିପୂରଣ ଦାବି କରି ଭାରତୀୟ ଅଦାଲତ ମାଧ୍ୟମରେ ଅଜିତ ଡୋଭାଲ ଏବଂ ସାମନ୍ତ ଗୋଏଲଙ୍କୁ ସମନ ଜାରି କରିବାକୁ ଆବେଦନ କରିଥିଲେ। ଏହି ମାମଲାରେ ଆମେରିକାର କୋର୍ଟ ପନ୍ନୁଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। କୋର୍ଟ ପନ୍ନୁଙ୍କୁ ୩୦ ନଭେମ୍ବର ୨୦୨୬ରେ କିମ୍ବା ତା ପୂର୍ବରୁ ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବିଶ୍ୱର ୫୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ଭାରତରେ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ବିଶ୍ୱର ୫୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ଭାରତରେ ରହିଛି। ଶୀତ ଋତୁ ଆରମ୍ଭ ସହ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ମଙ୍ଗଳବାର ସକାଳ ୯ଟା ୫୪ ମିନିଟ୍‌ରେ ରେକର୍ଡ ହୋଇଥିବା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ତଥ୍ୟ ଅନୁଯାୟୀ, ରାଜସ୍ଥାନର ଶ୍ରୀଗଙ୍ଗାନଗର ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପ୍ରଥମ ସ୍ଥାନରେ ରହିଛି। ଏହାର ଏକ୍ୟୁଆଇ ୮୨୧ ରେକର୍ଡ କରାଯାଇଛି। ଏହି ତଥ୍ୟ ଏକ୍ୟୁଆଇ.ଇନ୍ ପ୍ରଦୂଷଣ ମାପ ବ୍ୟବସ୍ଥାରୁ ନିଆଯାଇଛି।ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ପଞ୍ଜାବର ଭଟିଣ୍ଡା ରହିଛି। ଏଠାରେ ଏକ୍ୟୁଆଇ ୬୨୯ ଥିବାବେଳେ ହରିୟାଣାର ସିର୍ସା ୫୪୪ ଏକ୍ୟୁଆଇ ସହ ତୃତୀୟ ସ୍ଥାନରେ ରହିଛି। ହିସାରରେ ୫୧୬ ଓ ପଞ୍ଜାବର ଫରିଦକୋଟ୍ ?ରେ ୫୦୬ ଏକ୍ୟୁଆଇ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।ବିଶ୍ୱର ୫୦ଟି ପ୍ରଦୂଷିତ ସହର ତାଲିକାରେ ଭାରତ ବାହାରର କେବଳ ଗୋଟିଏ ସହର ସ୍ଥାନ ପାଇଛି। ତାହା ହେଉଛି ପାକିସ୍ତାନର ଲାହୋର। ୪୩୦ ଏକ୍ୟୁଆଇ ସହ ଏହା ୧୪ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ୩୯୩ ଏକ୍ୟୁଆଇ ସହ ବିଶ୍ୱ ତାଲିକାର ୨୪ତମ ସ୍ଥାନରେ ରହିଛି। ଏହା ସୂଚାଉଛି ଯେ ବାୟୁ ପ୍ରଦୂଷଣ ସମସ୍ୟା କେବଳ ଦିଲ୍ଲୀ କିମ୍ବା ଏହାର ଆଖପାଖ ଅଞ୍ଚଳରେ ସୀମିତ ନାହିଁ। ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶର ବହୁ ସହର ଏହାର ଶିକାର ହୋଇଛନ୍ତି। ଲୁଧିଆନା, ପଟିଆଲା, ବଦାୟୁଁ, ଜୌନପୁର ଓ ଗୋରଖପୁର ମଧ୍ୟ ଏହି ତାଲିକାରେ ରହିଛନ୍ତି। ନଭେମ୍ବର ୮ ତାରିଖରେ ଦୀପାବଳି ପାଳନ ପରେ ଦିଲ୍ଲୀର ବାୟୁମାନ ଆହୁରି ଖରାପ ହୋଇଥିଲା। ପରଦିନ ଅର୍ଥାତ୍ ନଭେମ୍ବର ୯ରେ ଦିଲ୍ଲୀର ଏକ୍ୟୁଆଇ ୬୭୩ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ଏହା ଗତବର୍ଷ ଦୀପାବଳି ପରବର୍ତ୍ତୀ ଏକ୍ୟୁଆଇ ତୁଳନାରେ ୬୯ ପ୍ରତିଶତ ଅଧିକ।ଏହି ପ୍ରଦୂଷଣକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ ହୋଇଛି। ଦିଲ୍ଲୀର ମନ୍ତ୍ରୀ କପିଳ ମିଶ୍ର ପଞ୍ଜାବରେ ନଡ଼ାପୋଡ଼ି ଘଟଣା ବଢ଼ିବାକୁ ପ୍ରଦୂଷଣର କାରଣ ବୋଲି ଅଭିଯୋଗ କରିଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି ଏହାକୁ ଖଣ୍ଡନ କରିଛି। ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀରେ ନଭେମ୍ବର ୧୫ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ନଥିବା ପୂର୍ବାନୁମାନ କରିଛି। ତେଣୁ ବର୍ଷା କିମ୍ବା ଜୋର୍ ପବନ ନ ହେଲେ ଉତ୍ତର ଭାରତରେ ପ୍ରଦୂଷଣରୁ ତ୍ରାହି ମିଳିବାର ସମ୍ଭାବନା କମ୍ ରହିଛି।

ଟିଭିକେ ବିଧାୟକ ଅରୁଣ ବିଘ୍ନେଶଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ତାମିଲନାଡୁର ଶାସକ ଦଳ ଟିଭିକେର ବିଧାୟକ ଅରୁଣ ବିଘ୍ନେଶଙ୍କ ବିରୋଧରେ ଜଣେ ମହିଳା ଜିଲ୍ଲାପାଳଙ୍କୁ ଅରୁଚିକର ଏବଂ ଅସମିଚିନ ମେସେଜ୍ ପଠାଇଥିବା ନେଇ ଆସିଥିବା ଅସଦାଚରଣ ଅଭିଯୋଗର ଏକ ପୁଙ୍ଖାନୁପୁଙ୍ଖ ଏବଂ ନିରପେକ୍ଷ ତଦନ୍ତ କରାଯିବ ବୋଲି ତାମିଲନାଡୁର ସ୍କୁଲ ଶିକ୍ଷା ମନ୍ତ୍ରୀ ରାଜମୋହନ ମଙ୍ଗଳବାର ଆଶ୍ୱାସନା ଦେଇଛନ୍ତି। କଲ୍ଲାରୁଚି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ବିଧାୟକ ଅରୁଣ ବିଘ୍ନେଶ ଜିଲ୍ଲାପାଳ ଜେ.ଇ. ପଦ୍ମଜାଙ୍କୁ ଅନୁପଯୁକ୍ତ ମେସେଜ୍ ପଠାଇଥିବା ନେଇ ସୋସିଆଲ ମିଡିଆରେ ରିପୋର୍ଟ ପ୍ରକାଶ ପାଇବା ପରେ ଏହି ବିବାଦ ଘନେଇଛି।ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ରାଜମୋହନ ସ୍ପଷ୍ଟ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ନେତୃତ୍ୱାଧୀନ ରାଜ୍ୟ ପ୍ରଶାସନ ଦ୍ୱାରା ହଇରାଣ ହରକତ କିମ୍ବା ଅସଦାଚରଣକୁ କେବେବି ବରଦାସ୍ତ କରାଯିବ ନାହିଁ। ଅଭିଯୁକ୍ତ ବ୍ୟକ୍ତି କେଉଁ ରାଜନୈତିକ ଦଳର ବା କେତେ ପ୍ରଭାବଶାଳୀ, ତାହାକୁ ବିଚାର ନକରି ସଠିକ୍ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏକ ସରକାରୀ ଅଭିଯୋଗ ମିଳିବା ମାତ୍ରେ ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଏବଂ ଅଭିଯୋଗ ପ୍ରମାଣିତ ହେଲେ କଠିନ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସୋମବାର ଦିନ ଡିଏମକେ ସାଂସଦ କନିମୋଝି ସୋସିଆଲ ମିଡିଆରେ ଏହି ପ୍ରସଙ୍ଗ ଉଠାଇ ବିଧାୟକ ଜିଲ୍ଲାପାଳଙ୍କୁ ମେସେଜ୍ ମାଧ୍ୟମରେ ହଇରାଣ କରିବା ସହ ତାଙ୍କ ବାସଭାବନକୁ ଅପ୍ରତ୍ୟାଶିତ ଭାବେ ଯାଇଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ, ବିଧାୟକ ଅରୁଣ ବିଘ୍ନେଶ ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଖଣ୍ଡନ କରିଛନ୍ତି। ଡିଏମକେର ଆଇଟି ସେଲ୍ ପକ୍ଷରୁ ତାଙ୍କ ବିରୋଧରେ ଏହା ଏକ ପରିକଳ୍ପିତ ଅପପ୍ରଚାର ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।



ହାସିନା ଚାଲିଚାଲି ବାଂଲାଦେଶ ଯିବେ !

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ବାଂଲାଦେଶ ସରକାର ଶେଖ ହାସିନାଙ୍କୁ ପାସପୋର୍ଟ ଏବଂ ଜାତୀୟ ନାଗରିକତା ପ୍ରମାଣପତ୍ର ଦେବାକୁ ମନା କରିଦେଇଛନ୍ତି। ଏହା ପରେ ଆୱାମୀ ଲିଗ୍ ତାଙ୍କ ପାଇଁ ଏକ ନୂତନ ପ୍ରତ୍ୟାବର୍ତ୍ତନ ଯୋଜନା କରୁଛି । ଯୋଜନା ଅନୁଯାୟୀ, ଶେଖ ହାସିନା ଲକ୍ଷ ଲକ୍ଷ ଆୱାମୀ ଲିଗ୍ କର୍ମୀଙ୍କ ସହିତ ଚାଲିଚାଲି ସୀମା ପାର୍ କରିବେ ।ବାଂଲାଦେଶର ଡେଲି ଟାଇମ୍ସ ଖବର କାଗଜ ଅନୁଯାୟୀ,ଶେଖ ହାସିନାଙ୍କ ଆଇନଗତ ପରାମର୍ଶଦାତାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସରକାରଙ୍କୁ ପାସପୋର୍ଟ ପାଇଁ ଆଉ ଏକ ନୋଟିସ ପଠାଇବେ। ଯଦି ତାହାର ମଧ୍ୟ ଉତ୍ତର ନ ଦିଆଯାଏ ତେବେ ଶେଖ ହାସିନା ପଦଯାତ୍ରା କରି ଢାକା ଫେରିବେ ।ଶେଖ ହସିନା ଡିସେମ୍ବର ୨୦-୨୧ ପାଖାପାଖି ବେନାପୋଲ ସୀମା ଦେଇ ବାଂଲାଦେଶ ଫେରିବାକୁ ଚେଷ୍ଟା କରିବେ । ୮୦ ବର୍ଷୀୟ ହସିନା ଅଗଷ୍ଟ ୨୦୨୪ ଠାରୁ ନୂଆଦିଲ୍ଲୀରେ ଅଛନ୍ତି।ଆୱାମୀ ଲିଗ୍ ନେତାଙ୍କ ସୂଚନା ଆଧାରରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ହସିନାଙ୍କୁ ସ୍ୱାଗତ କରିବା ପାଇଁ ଦଳ ଏକ ବଡ଼ ଯୋଜନାରେ କାମ କରୁଛି। ସମସ୍ତ ନେତାଙ୍କୁ ସୀମା ନିକଟରେ ଏକତ୍ରିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦଳର ଶକ୍ତି ପ୍ରଦର୍ଶନ ଭାବରେ ଦେଖାଯାଉଛି ।ଦଳ ଚାହୁଁଛି ଯେ, ବିଶ୍ୱବାସୀ ଦେଖିବେ ଯେ, ଶେଖ ହାସିନାଙ୍କର ବାଂଲାଦେଶରେ ଏବେ ବି ଦୃଢ଼ ପ୍ରଭାବ ଅଛି। ଛାତ୍ର ପ୍ରତିବାଦ ସମୟରେ ଯାହା ଘଟିଥିଲା ତାହା ଏକ ଯୋଜନାବଦ୍ଧ ଘଟଣା ଥିଲା ।ହସିନା ଚାରିଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ତାଙ୍କ ପିତା ଶେଖ ମୁଜିବୁର ରହମାନ ବାଂଲାଦେଶ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ସେ ୧୯୮୧ ମସିହାରେ ବିମାନ ଯୋଗେ ଢାକା ଫେରି ଆସିଲେ । ୧୯୭୫ ମସିହାରେ ତାଙ୍କ ପିତା ଶେଖ ମୁଜିବୁର ରହମାନଙ୍କ ହତ୍ୟା ପରେ ଶେଖ ହସିନା ଭାରତ ପଳାଇ ଆସିଥିଲେ। ପ୍ରାୟ ଛଅ ବର୍ଷ ପରେ ୧୭ ମେ' ୧୯୮୧ରେ ସେ ବିମାନ ଯୋଗେ ଢାକା ଫେରିଥିଲେ। ଢାକା ବିମାନବନ୍ଦରରେ ହଜାର ହଜାର ସମର୍ଥକ ତାଙ୍କୁ ପାଛୋଟି ନେଇଥିଲେ।ଢାକା ଫେରିବାର ଷୋହଳ ବର୍ଷ ପରେ ଶେଖ ହାସିନାଙ୍କୁ ବାଂଲାଦେଶରେ କ୍ଷମତାକୁ ଫେରିବାର ସୁଯୋଗ ମିଳିଥିଲା। ୧୯୯୬ ମସିହାରେ ସେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିଥିଲେ।





ହିନ୍ଦୁସ୍ତାନ ଜିଙ୍କ୍‌ର ନୂଆ ପଦକ୍ଷେପ: ଗାଲ୍‌ଭାନାଇଜିଂ ଶିଳ୍ପ ପାଇଁ 'ବେଦ୍‌ଏଜେଡ୍' ଓ 'ବେଦ୍‌ଆୟୁଷ' ଆଲୟ ଉନ୍ମୋଚିତ

ଭୁବନେଶ୍ୱର, ୧୦।୧୧ (ନି.ପ୍ର) : ବିଶ୍ୱର ସର୍ବବୃହତ ସମନ୍ୱିତ ଜିଙ୍କ୍ ଉତ୍ପାଦକ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍ ପକ୍ଷରୁ ଗାଲ୍‌ଭାନାଇଜିଂ ଶିଳ୍ପ ପାଇଁ ଦୁଇଟି ନୂତନ ପିଢ଼ିର ଜିଙ୍କ୍ ମିଶ୍ରଧାତୁ 'ବେଦ୍‌ଏଜେଡ୍' ଓ 'ବେଦ୍‌ଆୟୁଷ' ଉନ୍ମୋଚନ କରାଯାଇଛି। ଏହି ଅତ୍ୟାଧୁନିକ ଆଲୟ ଗୁଡ଼ିକ ଗାଲ୍‌ଭାନାଇଜଡ୍ ଷ୍ଟିଲର କୋଟିଂ ଗୁଣବତ୍ତା, ସ୍ଥାୟିତ୍ୱ ଓ ଉତ୍ପାଦନ ପ୍ରକ୍ରିୟାର ଦକ୍ଷତା ବୃଦ୍ଧି କରିବା ସହିତ ବିଭିନ୍ନ ଶିଳ୍ପର ବିକଶିତ ଆବଶ୍ୟକତା ପୂରଣ କରିବ। 'ବେଦ୍‌ଏଜେଡ୍' ଜିଙ୍କ୍-ଆଲୁମିନିୟମ ଆଧାରିତ ମିଶ୍ରଧାତୁ ହୋଇଥିବାବେଳେ 'ବେଦ୍‌ଆୟୁଷ' ଜିଙ୍କ୍-ଆଲୁମିନିୟମ-ମ୍ୟାଗ୍ନେସିୟମ ଆଧାରିତ ଆଲୟ। ବିଶେଷକରି ଉପକୂଳବର୍ତ୍ତୀ ଅଂଚଳ, ଅଧିକ ଆଦ୍ରତା ଓ ଆହ୍ୱାନପୂର୍ଣ୍ଣ ଶିଳ୍ପ ପରିବେଶରେ କ୍ଷୟରୁ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀ କୋଟିଂ ପ୍ରଦାନ କରିବାରେ ଏହି ଉତ୍ପାଦଗୁଡ଼ିକ ସହାୟକ ହେବ। ୨୦୨୬ ସିଆଇଆଇ-ନୋମୁରା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ଅନୁଯାୟୀ,



ଭାରତରେ କ୍ଷୟଜନିତ କ୍ଷତି ଦେଶର ବାର୍ଷିକ ଜିଡିପିର ପ୍ରାୟ ୪.୩ ପ୍ରତିଶତ ହୋଇଥିବାରୁ ଏଭଳି ଉନ୍ନତ ଜିଙ୍କ୍ ଆଲୟର ଗୁରୁତ୍ୱ ବୃଦ୍ଧି ପାଇଛି।

ଏହି ଅବସରରେ ହିନ୍ଦୁସ୍ତାନ ଜିଙ୍କ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅମରେନ୍ଦ୍ର ପ୍ରକାଶ କହିଛନ୍ତି, 'ଭିତିଭୂମି, ଅଟୋମୋଟିଭ୍, ଇଞ୍ଜିନିୟରିଂ ଓ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ଆମର ମୂଲ୍ୟଯୁକ୍ତ ଜିଙ୍କ୍ ଉତ୍ପାଦ ବ୍ୟବସାୟର ବିସ୍ତାର ପାଇଁ ଆମେ ବ୍ୟାପକ ସମ୍ଭାବନା ଦେଖୁଛୁ। ଗ୍ରାହକଙ୍କ ବିଭିନ୍ନ ଉତ୍ପାଦନ ଓ କାର୍ଯ୍ୟଦକ୍ଷତା ଆବଶ୍ୟକତାକୁ ଦୃଷ୍ଟିରେ ରଖି 'ବେଦ୍‌ଏଜେଡ୍' ଓ 'ବେଦ୍‌ଆୟୁଷ' ବିକଶିତ କରାଯାଇଛି। ଆମର ସମନ୍ୱିତ କାର୍ଯ୍ୟପ୍ରଣାଳୀ ଓ ଆଲୟ ଉତ୍ପାଦନ କ୍ଷମତା ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ଉନ୍ନତ ଉତ୍ପାଦ ବିକାଶ ଏବଂ ଭାରତର ଭିତିଭୂମି ଓ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧିରେ ଯୋଗଦାନ ପାଇଁ ଆମକୁ ସକ୍ଷମ କରିବ।' ରାଜସ୍ଥାନର ରାଜପୁରା ଡାରିବାଠାରେ କମ୍ପାନୀର ସହାୟକ ସଂସ୍ଥା ମାଧ୍ୟମରେ ବାର୍ଷିକ ୩୦ ହଜାର ଟନ୍ କ୍ଷମତାବିଶିଷ୍ଟ ଜିଙ୍କ୍ ଆଲୟ ଉତ୍ପାଦନ କାରଖାନା ପରିଚାଳିତ ହେଉଛି। ଏହି ନୂତନ ଉତ୍ପାଦର ଶୁଭାରମ୍ଭ ସହ ହିନ୍ଦୁସ୍ତାନ ଜିଙ୍କ୍ ନିଜର ସ୍ୱତନ୍ତ୍ର ଓ ମୂଲ୍ୟଯୁକ୍ତ ଜିଙ୍କ୍ ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସମୃଦ୍ଧ କରିବା ସହ ଦେଶର ଶିଳ୍ପ ଓ ଭିତିଭୂମି ବିକାଶକୁ ସହଯୋଗ କରିବା ଲକ୍ଷ୍ୟ ରଖିଛି।

ହ୍ୱାଟ୍‌ସ୍‌ଆପ୍ ବ୍ୟାଙ୍କିଂ ଜରିଆରେ ସିଧାସଳଖ ସେଭିଂସ୍ ଆକାଉଣ୍ଟ ଖୋଲିବାର ସୁବିଧା ଆରମ୍ଭ କଲା ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ

ମୁମ୍ବାଇ, ୧୦।୧୧ (ନି.ପ୍ର) : ଭାରତୀୟ ବ୍ୟାଙ୍କିଂ କ୍ଷେତ୍ରରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ଉଜ୍ଜୀବନ ଏସ୍‌ଏଫ୍‌ବି) ନିଜର ହ୍ୱାଟ୍‌ସ୍‌ଆପ୍ ବ୍ୟାଙ୍କିଂ ଚ୍ୟାନେଲ୍ ଜରିଆରେ ସିଧାସଳଖ ସେଭିଂସ୍ ଆକାଉଣ୍ଟ ଖୋଲିବା ସୁବିଧା ଆରମ୍ଭ କରିଛି। ୯୦୦ ୨୦୮ ୨୧୨୧ ନମ୍ବର ଜରିଆରେ ଗ୍ରାହକମାନେ ଏହି ସୁବିଧା ପାଇପାରିବେ। ଏହା ଦ୍ୱାରା ନୂତନ ଯୋଗ୍ୟ ଗ୍ରାହକମାନେ କୌଣସି ପୃଥକ୍ ବ୍ୟାଙ୍କିଂ ଆପ୍ ଡାଉନଲୋଡ୍ ନକରି କେବଳ ହ୍ୱାଟ୍‌ସ୍‌ଆପ୍ ମାଧ୍ୟମରେ ନିଜର ସଞ୍ଚୟ ଖାତା ଖୋଲିପାରିବେ। ଏହି ପ୍ରକ୍ରିୟାକୁ ସରଳ ଓ ପର୍ଯ୍ୟାୟଭିତ୍ତିକ ରଖାଯାଇଛି। ଗ୍ରାହକମାନେ ୯୦୦ ୨୦୮ ୨୧୨୧ ନମ୍ବରକୁ ହ୍ୱାଟ୍‌ସ୍‌ଆପରେ 'Hi' ମେସେଜ୍ ପଠାଇ 'Open Savings Account' ବିକଳ୍ପ ଚୟନ କରିବେ। ଏହାପରେ ମୋବାଇଲ୍ ନମ୍ବର ଓ ପାନ୍ ଯାଞ୍ଚ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାହକଙ୍କ


ସିକେୱାଇସି କିମ୍ବା ଆଧାର ଯାଞ୍ଚ ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ସ୍ୱତଃ ପୂରଣ ହେବ। ଏହାପରେ ଗ୍ରାହକ ନିଜ ପସନ୍ଦର ସଞ୍ଚୟ ଖାତା ଯୋଜନା ଚୟନ କରି ଆବଶ୍ୟକ ଅର୍ଥ ଜମା କରିବେ ଏବଂ ଭିଡିଓ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଗ୍ରାହକ ନିଜ ଖାତା ବ୍ୟବହାର କରିପାରିବେ। ଗ୍ରାହକମାନଙ୍କୁ ଅଧିକ ସହଜ, ସୁବିଧାଜନକ ଓ ଡିଜିଟାଲ୍ ବ୍ୟାଙ୍କିଂ ସେବା ଯୋଗାଇଦେବା ଦିଗରେ ବ୍ୟାଙ୍କର ରଣନୀତିକୁ ଏହି ପଦକ୍ଷେପ ଆହୁରି ମଜବୁତ କରିବ। ଦୈନନ୍ଦିନ ଜୀବନରେ ଗ୍ରାହକମାନେ ବ୍ୟବହାର କରୁଥିବା ହ୍ୱାଟ୍‌ସ୍‌ଆପ୍ ପ୍ଲାଟଫର୍ମରେ ବ୍ୟାଙ୍କିଂ ସେବା ଉପଲବ୍ଧ କରାଇ ବ୍ୟାଙ୍କ ନୂତନ ଡିଜିଟାଲ୍ ଇଣ୍ଟରଫେସ୍ ଶିଖିବା କିମ୍ବା ଅଲଗା ଆପ୍ ଇନଷ୍ଟଲ୍ କରିବାର ଆବଶ୍ୟକତାକୁ ଦୂର କରିଛି। ବର୍ତ୍ତମାନ ବ୍ୟାଙ୍କର ୧୫ ଲକ୍ଷରୁ ଅଧିକ ଗ୍ରାହକ ହ୍ୱାଟ୍‌ସ୍‌ଆପ୍ ବ୍ୟାଙ୍କିଂ ପ୍ଲାଟଫର୍ମକୁ ଆପଣାଇଛନ୍ତି। ଏହି ପ୍ଲାଟଫର୍ମରେ ବାଲାନ୍ସ ଯାଞ୍ଚ, ସାମ୍ପ୍ରତିକ କାରବାରର ବିବରଣୀ, ଆକାଉଣ୍ଟ ଷ୍ଟେଟମେଣ୍ଟ, ଜମା ସେବା, ଋଣ ସମ୍ପର୍କିତ ସୂଚନା, ସେବା ଅନୁରୋଧ, ଶାଖା ଓ ଏଟିଏମ୍ ଲୋକେଟର୍ ସମେତ ୫୦ରୁ ଅଧିକ ବ୍ୟାଙ୍କିଂ ସେବା ଉପଲବ୍ଧ ରହିଛି। ବ୍ୟାଙ୍କ ପାଇଁ ହ୍ୱାଟ୍‌ସ୍‌ଆପ୍ ବ୍ୟାଙ୍କିଂ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାହକ ସଂଯୋଗ ଓ ସେବା ପ୍ରଦାନ ମାଧ୍ୟମ ଭାବେ ଉଭା ହୋଇଛି। ବର୍ତ୍ତମାନ ବ୍ୟାଙ୍କର ମୋଟ ସେବା ଅନୁରୋଧ ମଧ୍ୟରୁ ୨୨ ପ୍ରତିଶତ ଏହି ପ୍ଲାଟଫର୍ମ ଜରିଆରେ ପରିଚାଳିତ ହେଉଛି। ଏହି ପଦକ୍ଷେପ ସମ୍ପର୍କରେ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଅନ୍ତରୀଣ ସିଇଓ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା କାରୋଲ୍ ଫୁର୍ଟାଡୋ କହିଛନ୍ତି, "ଗ୍ରାହକଙ୍କ ପାଇଁ ବ୍ୟାଙ୍କିଂକୁ ସରଳ ଓ ସୁଗମ କରିପାରିଲେ ହିଁ ନବସୃଜନର ପ୍ରକୃତ ମୂଲ୍ୟ ପ୍ରତିଫଳିତ ହୁଏ। ଉଜ୍ଜୀବନର ହ୍ୱାଟ୍‌ସ୍‌ଆପ୍ ବ୍ୟାଙ୍କିଂ ସେବା ଗ୍ରାହକଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଥିବା ପ୍ଲାଟଫର୍ମରେ ବ୍ୟାଙ୍କିଂ ସେବା ପାଇବାର ସୁଯୋଗ ଦେଉଛି। ହ୍ୱାଟ୍‌ସ୍‌ଆପ୍ ଜରିଆରେ ସଞ୍ଚୟ ଖାତା ଖୋଲିବା ଓ ଗ୍ରାହକ ପଞ୍ଜୀକରଣ ସୁବିଧା ଆରମ୍ଭ କରିବା ଦ୍ୱାରା ପାରମ୍ପରିକ ବ୍ୟାଙ୍କିଂ ମାଧ୍ୟମ ବାହାରେ ମଧ୍ୟ ଅଧିକ ସହଜ, ସୁବିଧାଜନକ ଓ ସୁରକ୍ଷିତ ବ୍ୟାଙ୍କିଂ ଅନୁଭୂତି ମିଳିପାରିବ। ବ୍ୟାଙ୍କିଂ ସେବାକୁ ଅଧିକ ସମାବେଶୀ ଓ ଗ୍ରାହକ ଅନୁକୂଳ କରିବା ପାଇଁ ଆମେ ଏହି ପ୍ଲାଟଫର୍ମକୁ ଆହୁରି ସୁଦୃଢ଼ କରିବା ଜାରି ରଖିବୁ।" ଭବିଷ୍ୟତରେ ଏହି ପ୍ଲାଟଫର୍ମରେ ଜେନେରେଟିଭ୍ ଏଆଇ ଆଧାରିତ ଉତ୍ତର, ଜଟିଳ ଗ୍ରାହକ ଆବଶ୍ୟକତା ପାଇଁ ପର୍ଯ୍ୟାୟଭିତ୍ତିକ ସହାୟତା, ବହୁଭାଷୀ ସେବା, ପରିସ୍ଥିତି ଅନୁଯାୟୀ ଉତ୍ପାଦ ସମ୍ପର୍କିତ ସେବା ଏବଂ ଭଏସ୍ ଆଧାରିତ ସହାୟତା ଭଳି ସୁବିଧା ଆରମ୍ଭ କରିବା ନେଇ ବ୍ୟାଙ୍କ ବିଚାର କରୁଛି।

ଛାତ୍ରୀଙ୍କୁ ଗଳାକାଟି ହତ୍ୟା ଘଟଣାରେ ଆସିବେ କଂଗ୍ରେସ ତଥ୍ୟ ଅନୁଧ୍ୟାନକାରୀ ଦଳ

କେନ୍ଦ୍ରାପଡ଼ା, ୧୦।୧୧ (ନି.ପ୍ର) : କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅଧିନ ଯଦୁପୁର ଗ୍ରାମପଞ୍ଚାୟତର ସାନଗାଁ ଗ୍ରାମର ଜନୈକ କଲେଜ ଛାତ୍ରୀଙ୍କୁ ବେକ କାଟି ହତ୍ୟା ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁଧ୍ୟାନ କମିଟି ବୁଧବାର ଯଦୁପୁର ଗ୍ରାମକୁ ପରିଦର୍ଶନରେ ଆସୁଛନ୍ତି। ଉକ୍ତ କମିଟି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପିଡିତ ପରିବାର ଓ ସ୍ଥାନୀୟ ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରିବା ସହ ଉକ୍ତ ଘଟଣା ସମ୍ପର୍କରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ଏକ ରିପୋର୍ଟ ପ୍ରଦାନ କରିବେ। ଏହି କମିଟିର ଅଧକ୍ଷ ଭାବେ ଡ. ବିଶ୍ୱରଞ୍ଜନ ମହାନ୍ତି ରହିଥିବା ବେଳେ ସଦସ୍ୟ ଭାବରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମା, ପ୍ରଫୁଲ୍ଲ ଦାସ, ଡ. ସିପ୍ରା ମଲ୍ଲିକ, ରତିକାନ୍ତ କାନୁନଗୋ, ଅରବିନ୍ଦ ଦାସ, ଜାହିର ମହମ୍ମଦ, ଅଶୋକ ସ୍ୱାଇଁ, କନକଲତା ମଲ୍ଲିକ, ପ୍ରଦୀପ ପ୍ରଧାନ ପ୍ରମୁଖ ରହିଛନ୍ତି।

ଜିଓ ଆଣିଲା ନୂଆ ତିନି ବର୍ଷିଆ ପ୍ଲାନ୍: ୧୦ ହଜାର ଟଙ୍କାର ଗୋଟିଏ ରିଚାର୍ଜ

ମୁମ୍ବାଇ, ୧୦।୧୧ (ନି.ପ୍ର) : ରିଲାଏନ୍ସ ଜିଓ ଗ୍ରାହକଙ୍କ ପାଇଁ ୧୦,୦୦୦ ଟଙ୍କାର ଏକ ନୂଆ ତିନି ବର୍ଷିଆ ଅନଲିମିଟେଡ୍ ପ୍ଲାନ୍ ଆରମ୍ଭ କରିଛି। ଥରେ ରିଚାର୍ଜ କରିବା ପରେ ଗ୍ରାହକଙ୍କୁ ପରବର୍ତ୍ତୀ ତିନି ବର୍ଷ ପର୍ଯ୍ୟନ୍ତ ଆଉ ରିଚାର୍ଜ କରିବାକୁ ପଡ଼ିବ ନାହିଁ। ଏହାକୁ ଟେଲିକମ୍ ଶିଳ୍ପରେ ଏହିଭଳି ପ୍ରଥମ ପ୍ଲାନ୍ ବୋଲି କୁହାଯାଉଛି। ବିଶେଷ କଥା ହେଉଛି, ଗ୍ରାହକମାନେ ତିନି ବର୍ଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ମୂଲ୍ୟରେ ଏହି ପ୍ଲାନ୍ ରେ ଅନ୍ତର୍ଭୁକ୍ତ ସମସ୍ତ ସୁବିଧା ପାଇପାରିବେ। ଏହି ପ୍ଲାନ୍ ରେ ଅନଲିମିଟେଡ୍ ୫ଜି ଡାଟା, ଅନଲିମିଟେଡ୍ ଭଏସ୍ କଲିଂ, ପ୍ରତିଦିନ ୨.୫ ଜିବି ହାଇସ୍ପିଡ୍ ଡାଟା ଏବଂ ୧୦୦ଟି ଏସ୍‌ଏମ୍‌ଏସ୍‌ର ସୁବିଧା ମିଳିବ। ଏହି ପ୍ଲାନ୍‌ର ବୈଧତା ସମ୍ପୂର୍ଣ୍ଣ ତିନି ବର୍ଷ ରହିବ। କଲିଂ ଓ ଡାଟା



ସୁବିଧା ବ୍ୟତୀତ ଗ୍ରାହକମାନେ ଜିଓହଟଷ୍ଟାର ମୋବାଇଲ୍ ମାଧ୍ୟମରେ ହଲିଉଡ୍ କଣ୍ଟେଣ୍ଟ ଦେଖିବାର ସୁଯୋଗ ପାଇବେ। ଏଥିରେ ଲାଇଭ୍ ସ୍ପୋର୍ଟସ୍, ହଟଷ୍ଟାର ଅରିଜିନାଲ୍ସ ଏବଂ ଅନ୍ୟାନ୍ୟ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ରହିଛି। ଏହା ସହିତ ୧୨ ମାସର କାନଭା ପ୍ରୋ ଲାଇଟ୍ ସବସ୍କ୍ରିପସନ୍ ଏବଂ ଫାଇଲ୍, ଫଟୋ ଓ ଡକ୍ୟୁମେଣ୍ଟକୁ ସୁରକ୍ଷିତ ରଖିବା ପାଇଁ ଜିଓଏଆଇକ୍ଲାଉଡରେ ୫୦ ଜିବି ମାଗଣା ଷ୍ଟୋରେଜ୍ ସୁବିଧା ମିଳିବ। ଜିଓର ଏହି ନୂଆ ପ୍ଲାନ୍ ୭ ନଭେମ୍ବର ୨୦୨୬ରୁ ଉପଲବ୍ଧ ହୋଇଛି। ଗ୍ରାହକମାନେ ମାଇଁ ଜିଓ ଆପ୍, ଜିଓର ୱେବସାଇଟ୍, ଜିଓ ଷ୍ଟୋର୍, ରିଟେଲ୍ ଆଉଟଲେଟ୍ ଏବଂ ଅନ୍ୟାନ୍ୟ ଜିଓ ରିଚାର୍ଜ ମାଧ୍ୟମରେ ଏହି ପ୍ଲାନ୍ ର ଲାଭ ଉଠାଇପାରିବେ।

ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ

ବଳଙ୍ଗା, ୧୦।୧୧ (ନି.ପ୍ର): ମଙ୍ଗଳବାର ଅପରାହ୍ନରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନା ପରିସରରେ ମା ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତି ଜୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନା ଆଇ ଆଇ ସି ସସ୍ମିତା ସାହୁ, ଏସ ଆଇ ସୁଭଲକ୍ଷ୍ମୀ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ୩୫ଜଣ ବରିଷ୍ଠ ନାଗରିକଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ



ଆସିଥିବା ପରିଚୟ ପତ୍ରକୁ ବଣ୍ଟନ କରିବା ସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଥାନା ଆଇ ଆଇ ସି ସସ୍ମିତା ସାହୁ ଓ ଏସ ଆଇ ସୁଭଲକ୍ଷ୍ମୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବାବାଜି ଦେଓ, କୋଷାଧକ୍ଷ ସୁଧାଂଶୁ ମୋହନ ଲେଙ୍କା, ରବିନ୍ଦ୍ର ନାଥ ମିଶ୍ର, ଉପଦେଷ୍ଟା ବାନମ୍ବର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କ୍ୟୁସିଏଫଆଇ ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ୍ କୁ ମିଳିଛି ୯୫ ସ୍ୱର୍ଣ୍ଣ ଓ ୬ ରୌପ୍ୟ ପୁରସ୍କାର

ଗୁଣାତ୍ମକ ପଦକ୍ଷେପ, କର୍ମଚାରୀଙ୍କ ଯୋଗଦାନ ଏବଂ ନିରନ୍ତର ଉନ୍ନତି ପାଇଁ ଗୁଣବତ୍ତା ଧାରଣା (ସିସିକ୍ୟୁସି) ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ୍ 'ଯାଜପୁର ଏବଂ ହିସାର ୟୁନିଟ୍‌କୁ ମିଳିଛି ସ୍ୱୀକୃତି

ଯାଜପୁର, ୧୦।୧୧ (ନି.ପ୍ର): ଜିନ୍ଦଲ ଷ୍ଟେନଲେସ୍, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଉତ୍ପାଦକ କମ୍ପାନୀ ଭୁବନେଶ୍ୱର ଓ ଦିଲ୍ଲୀରେ ଆୟୋଜିତ କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫଆଇ) ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ୍ ୯୫ଟି ସ୍ୱର୍ଣ୍ଣ ଓ ୬ଟି ରୌପ୍ୟ ପୁରସ୍କାର ହାସଲ କରିଛି ।

ଯାଜପୁର ୟୁନିଟ୍ ଅଷ୍ଟମ ସିସିକ୍ୟୁସି ଭୁବନେଶ୍ୱର ଚାପ୍ଟର କନଭେନସନ୍ ୨୦୨୬ ରେ ୭୧ ଟି ସ୍ୱର୍ଣ୍ଣ ପୁରସ୍କାର ଜିତିବା ସହିତ ୭୧ ଟି ଦଳକୁ ସର୍ବୋଚ୍ଚ ଅଂଶଗ୍ରହଣ ପୁରସ୍କାର ମିଳିଛି। ଯାଜପୁର ମଧ୍ୟ ସମ୍ମାନଜନକ ଜ୍ଞାନଧାରା ପୁରସ୍କାର ପାଇଛି, ଗୁଣାତ୍ମକ ଧାରଣାକୁ ପ୍ରୋତ୍ସାହିତ କରିବା ଏବଂ ସଂଗଠନରେ ନିରନ୍ତର ଉନ୍ନତି ଅଭ୍ୟାସକୁ ଅନ୍ତର୍ଭୁକ୍ତ କରିବାରେ ଏହାର ଉତ୍କର୍ଷତାକୁ ସ୍ୱୀକୃତି ଦେଇଛି। ଆହୁରି ମଧ୍ୟ, ହିସାର ୟୁନିଟ୍ ୪୧ ତମ ସିସିକ୍ୟୁସି ଦିଲ୍ଲୀ ଚାପ୍ଟର କନଭେନସନ୍ ୨୦୨୬ ରେ ୨୪ ଟି ସ୍ୱର୍ଣ୍ଣ ଏବଂ ୬ ଟି ରୌପ୍ୟ ପୁରସ୍କାର ହାସଲ କରିଛି ଏବଂ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା, କାର୍ଯ୍ୟକ୍ଷମ ଆହ୍ୱାନର ମୁକାବିଲା ଏବଂ ପ୍ରକ୍ରିୟା ଦକ୍ଷତାକୁ ମଜଭୁତ କରିବାରେ ଏହାର ଉଦ୍ୟମ ପାଇଁ ସ୍ୱୀକୃତି ପାଇଛି । ଏହି ସଫଳତା ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଶ୍ରୀ ଦୀପକ ଅଗ୍ରୱାଲ, ଯାଜପୁରର ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ମୁଁ ଗର୍ବିତ ଯେ ୭୧ ଟି ଦଳ ସହିତ ଜିନ୍ଦଲ ଷ୍ଟେନଲେସର ପ୍ରତିନିଧିତ୍ୱ ପ୍ରଥମ ଥର ପାଇଁ ଗୋଟିଏ କମ୍ପାନୀର ଉତ୍ସାହ ଦେଖିଛି । ଆମର ସମସ୍ତ ଦଳ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ କରିବା ଆମର କର୍ମଚାରୀଙ୍କ ଦ୍ୱାରା ପାଳନ ହେଉଥିବା ଦୃଢ଼ ସଂସ୍କୃତି ଏବଂ ଗୁଣାତ୍ମକ ଧାରଣା ପ୍ରୟୋଗ ଏବଂ ଉନ୍ନତ ପ୍ରକ୍ରିୟା ଦିଗରେ କାର୍ଯ୍ୟ କରିବାରେ ସେମାନଙ୍କର ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ । ମୁଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଉତ୍ସର୍ଗୀକୃତତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ ଆଭିମୁଖ୍ୟ ପାଇଁ ଅଭିନନ୍ଦନ ଜଣାଉଛି । "ଏହି ସମ୍ମିଳନୀରେ ଅଂଶଗ୍ରହଣ ଏକ ସଂସ୍କୃତିକୁ ପୋଷଣ କରିବା ପାଇଁ ଜିନ୍ଦଲ



ଷ୍ଟେନଲେସର ନିରନ୍ତର ପ୍ରୟାସକୁ ସୂଚିତ କରେ । ଯେଉଁଠାରେ କର୍ମଚାରୀମାନେ ପ୍ରକ୍ରିୟାରେ ଉନ୍ନତି ଆଣିବା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ନୂତନତ୍ୱକୁ ସକ୍ରିୟ ଭାବରେ ସହଯୋଗ କରନ୍ତି । ସିସିକ୍ୟୁସି ପ୍ଲାଟଫର୍ମ କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ୟା ସମାଧାନ ପଦକ୍ଷେପ ପ୍ରଦର୍ଶନ କରିବା, ଶିଳ୍ପ ସାଥୀମାନଙ୍କ ସହିତ ଜ୍ଞାନ ଏବଂ ସର୍ବୋତ୍ତମ ଅଭ୍ୟାସ ଆଦାନ ପ୍ରଦାନ କରିବା ଏବଂ ସଂଗଠନର ଅଭିଜ୍ଞତାରୁ ଶିଖିବାର ସୁଯୋଗ ପ୍ରଦାନ କରେ । ଏହା ସୁସ୍ଥ ପ୍ରତିଯୋଗିତା, ସହଯୋଗ ଏବଂ କର୍ମଚାରୀଙ୍କ ନେତୃତ୍ୱାଧୀନ ଉନ୍ନତି ପଦକ୍ଷେପକୁ ମଧ୍ୟ ପ୍ରୋତ୍ସାହିତ କରେ ।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ

ମାନବ ଚାଲାଣ ରୋକିବାକୁ ପ୍ରଶାସନର ପଦକ୍ଷେପ

ମାଲକାନଗିରି, ୧୦/୧୧ (ନି.ପ୍ର) : ମାନବ ଚାଲାଣ ଭଳି ସାଂଘାତିକ ସାମାଜିକ ଅପରାଧ ଉପରେ ରୋକ ଲଗାଇବା ସହ ପୀଡ଼ିତଙ୍କ ଉଦ୍ଧାର, ସୁରକ୍ଷା ଓ ଥଇଥାନକୁ ଗୁରୁତ୍ୱ ଦେଇ ମାଲକାନଗିରିରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଏକଦିନିଆ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମାନବ ଚାଲାଣର ବିଭିନ୍ନ କାରଣ, ଏହାର ପ୍ରକାରଭେଦ, ଶିଶୁ ଓ ମହିଳା ଚାଲାଣର ନିରାକରଣ, ସନ୍ଦିଗ୍ଧ ଘଟଣା ଚିହ୍ନଟ ଏବଂ ତ୍ୱରିତ ଉଦ୍ଧାର ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ପୀଡ଼ିତଙ୍କୁ ଆଇନଗତ ସହାୟତା, ସୁରକ୍ଷା ଓ ପୁନର୍ବାସ ଯୋଗାଇଦେବା ନେଇ ବିଭିନ୍ନ ଦିଗରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ସହ ମହିଳା ଓ ଶିଶୁ ଚାଲାଣ ଭଳି ଘଟଣା ରୋକିବା ଏକ ବଡ଼ ଆହ୍ୱାନ ହୋଇଥିବାରୁ ଗ୍ରାମାଞ୍ଚଳରେ



ସଚେତନତା ବୃଦ୍ଧି ଉପରେ ଶିବିରରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଭଳି ଅପରାଧର ମୂଳୋତ୍ପାଟନ ପାଇଁ ପୋଲିସ, ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶ୍ରମ ବିଭାଗ ସମେତ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ସନ୍ଦିଗ୍ଧ ଘଟଣା ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଶିବିରରେ ପୋଲିସ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶ୍ରମ ବିଭାଗର ଅଧିକାରୀଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ଉପଖଣ୍ଡସ୍ତରୀୟ ସୁରକ୍ଷା ଅଧିକାରୀ ସନ୍ଧ୍ୟା ମାଝୀ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ମଣି ମୋହନ ସରକାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନଜୀବୀ ସାଗର କୁମାର ପାଣିଗ୍ରାହୀ ଓ ଅସିଷ୍ଟାଣ୍ଟ ମ୍ୟାନେଜର (ଆଇନ) ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ମାନବ ଚାଲାଣ ଭଳି ଅପରାଧକୁ ରୋକିବା ସହ ଶୋଷଣମୁକ୍ତ ଓ ସୁରକ୍ଷିତ ସମାଜ ଗଠନ ପାଇଁ କେବଳ ପ୍ରଶାସନିକ ପଦକ୍ଷେପ ନୁହେଁ, ବରଂ ଜନସାଧାରଣଙ୍କ ସକ୍ରିୟ ସହଯୋଗ ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ଶିବିରରେ ମତପ୍ରକାଶ ପାଇଥିଲା।

ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ୍‌ରେ ଦିପାବଳୀ ପାଳିତ

ବାଲିଚନ୍ଦ୍ରପୁର / ମାହାଙ୍ଗା, ୧୦।୧୧ (ନି.ପ୍ର): ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ରୋଡ଼ ରେ ଥିବା ଏଚ୍ ଡ଼ି ଏଫ୍ ସି ବ୍ୟାଙ୍କ୍ ଶାଖାରେ ପବିତ୍ର ଦିପାବଳୀ ଉତ୍ସବ ବ୍ୟାଙ୍କ୍ ଶାଖାର ପରିଚାଳକ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ବେହେରା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଉଦଘାଟକ ଓ ମୁଖ୍ୟଅତିଥି ଭାବେ ଓଡ଼ିଶାର ଜଣେ ପ୍ରତିଷ୍ଠିତ ସାହିତ୍ୟିକ ତଥା ପ୍ରାବନ୍ଧିକ ଡ଼କ୍ଟର ରାମଚନ୍ଦ୍ର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ଦିପାବଳୀ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସହ - ପରିଚାଳକ ଶ୍ରୀଯୁକ୍ତ କମଳାକାନ୍ତ ଦାଶ, ଗ୍ରାହକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ମନିଷ କୁମାର ମହାନ୍ତି, ଏଚ୍ ଡ଼ି ଏଫ୍ ସି ବ୍ୟାଙ୍କ୍ ର ଲାଇଫ୍ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାୟ , କ୍ରେଡେଟ୍ କାର୍ଡର ପରିଚାଳିକା ସୁନିତା ବେହେରା, ବ୍ୟାଙ୍କ୍ ର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱଦେଶ ନାୟକ ସହ ବ୍ୟାଙ୍କ୍ ଅନ୍ୟ କର୍ମଚାରୀ ଶ୍ରୀ



ଭାବଗ୍ରାହୀ ବେହେରା, ଅରକ୍ଷିତ ସାହୁ ସମେତ ସ୍ଥାନୀୟ ଗ୍ରାହକମାନେ ଅଂଶ ଗ୍ରହଣ କରି ଦିପାବଳୀ ଉତ୍ସବ କୁ ଉପଭୋଗ କରୁଥିଲେ । ଶେଷରେ ଶାଖା ପରିଚାଳକ ଶ୍ରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

ସାର ବିକ୍ରୟ କେନ୍ଦ୍ରରେ ମିଳିଲା ଅନିୟମିତତାର ସନ୍ଦେହ

ଦିନକରେ ୧୫.୧୨ ମେଟ୍ରିକ୍ ଟନ୍ ୟୁରିଆ ବିକ୍ରି, ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍

ଆଠଗଡ଼, ୧୦।୧୧ (ନି.ପ୍ର): ଆଠଗଡ଼ ବ୍ଲକ ଅନ୍ତର୍ଗତ ମା' ଆଦ୍ୟାଶକ୍ତି କୃଷି ଭଣ୍ଡାରଠାରେ ସାର ବିକ୍ରୟରେ ସମ୍ଭାବ୍ୟ ଅନିୟମିତତା ନେଇ ମିଳିତ ଯାଞ୍ଚ କରାଯାଇଛି। ଗତ ୯ ନଭେମ୍ବର ୨୦୨୬ ତାରିଖରେ ଆଠଗଡ଼ ତହସିଲଦାର, ବ୍ଲକ କୃଷି ଅଧିକାରୀ ଏବଂ ସହକାରୀ କୃଷି ଅଧିକାରୀ ତଥା ସାର ନିରୀକ୍ଷକଙ୍କ ଉପସ୍ଥିତିରେ ଏହି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ୮ ନଭେମ୍ବର ୨୦୨୬ ତାରିଖରେ ଉକ୍ତ ବିକ୍ରୟ କେନ୍ଦ୍ରରେ ପିଓଏସ୍ (ଚଢ଼ଙ୍କ) ମାଧ୍ୟମରେ ୧୫.୧୨ ମେଟ୍ରିକ୍ ଟନ୍ (ପ୍ରାୟ ୩୦୩ ବସ୍ତା) ୟୁରିଆ ବିକ୍ରି ହୋଇଥିବା ରେକର୍ଡ ଯାଞ୍ଚ କରାଯାଇଥିଲା। ବିକ୍ରୟ ରେଜିଷ୍ଟର ଅନୁଯାୟୀ, ଉକ୍ତ ଦିନ ୩୭ ଜଣ ଚାଷୀ ଏହି ଖୁଚୁରା



ବିକ୍ରେତାଙ୍କଠାରୁ ୟୁରିଆ କ୍ରୟ କରିଥିବା ଜଣାପଡ଼ିଥିଲା। ଏହି ସମୟରେ ବିକ୍ରୟ ରେଜିଷ୍ଟରରେ ନାମ ଥିବା ଚାଷୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ଆକସ୍ମିକ ଭାବେ ଯାଞ୍ଚ କରାଯାଇ, ରେକର୍ଡରେ ଉଲ୍ଲେଖ ଥିବା ପରିମାଣ ଅନୁଯାୟୀ ସେ ୟୁରିଆ କିଣିଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଏଥିରେ ଉଲ୍ଲେଖନୀୟ ଅସଙ୍ଗତି ଦେଖାଦେବାରୁ ଏହାର ସତ୍ୟତା ଯାଞ୍ଚ ପାଇଁ ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ, ପିଓଏସ୍ ଷ୍ଟକ୍ ଓ ଭୌତିକ ଷ୍ଟକ୍ ଯାଞ୍ଚ ସମୟରେ ବିକ୍ରୟ ରେଜିଷ୍ଟର ସହ ସମନ୍ୱୟ ଥିବା ଜଣାପଡ଼ିଥିଲା। ତେବେ ଗୋଟିଏ ଦିନରେ ଅସ୍ୱାଭାବିକ ଭାବେ ଅଧିକ ପରିମାଣର ୟୁରିଆ ବିକ୍ରୟ ଏବଂ ଚାଷୀଙ୍କ କ୍ରୟ ସମ୍ପର୍କିତ ତଥ୍ୟରେ ଅସଙ୍ଗତିକୁ ଗୁରୁତ୍ୱର ସହ ନିଆଯାଇଛି। ଏହି ଘଟଣାରେ ସାର ନିୟନ୍ତ୍ରଣ ଆଦେଶ, ୧୯୮୫ର ଧାରା ୨୮ ଅନୁଯାୟୀ ସମ୍ପୃକ୍ତ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ସାତ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନମିଳିଲେ ନିୟମାନୁଯାୟୀ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ସାର ବିକ୍ରୟରେ ସ୍ୱଚ୍ଛତା ବଜାୟ ରଖିବା, ଚାଷୀଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ସାର ଯୋଗାଇବା ଏବଂ କଳାବଜାରୀ ଓ ଅନିୟମିତତା ରୋକିବା ଉଦ୍ଦେଶ୍ୟରେ କୃଷି ବିଭାଗ ପକ୍ଷରୁ ଏଭଳି ଯାଞ୍ଚ ଜାରି ରହିବ।

ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ନିର୍ଯ୍ୟାତନା ଦେଇ ଟଙ୍କା ଲୁଟ୍

ବଳଙ୍ଗା, ୧୦।୧୧ (ନି.ପ୍ର): ମଙ୍ଗଳବାର ରାତିରେ ଚୋର ସନ୍ଦେହ କରି ବଳଙ୍ଗା ଥାନା ବାଲିଆ ଗ୍ରାମ ଠାରେ ୨ଜଣ ଯୁବକଙ୍କୁ ମାଡ଼ ମାରି ନିର୍ଯ୍ୟାତନା ଦେବା ସହ ଟଙ୍କା ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଘୋଡକ ଗ୍ରାମର ଦୀପକ ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଦୀପକ ଗତକାଲି ରାତି ୧୦ଟାରେ ଏହି ଥାନା ଅନ୍ତର୍ଗତ ପିଢ଼ ସାହି ଗ୍ରାମର ଶୁଭ୍ରକାନ୍ତ ସ୍ୱାଇଁଙ୍କ ସହ ବାଇକ ଯୋଗେ ହରିପୁରରୁ ବଳଙ୍ଗା ରାସ୍ତାରେ ଘରକୁ ଫେରୁଥିଲେ। ବାଲିଆ ଗ୍ରାମ ମୁଣ୍ଡରେ ହେଲା ବେଳକୁ ପଛରୁ ଏକ ସ୍କୁଟି ଯୋଗେ ଆସୁଥିବା ଜଣେ ଯୁବକ ଉଭୟଙ୍କୁ ଅଟକାଇ ଥିଲା। ସେଠାରେ ଥିବା ବାଲିଆ ଗ୍ରାମର ପଞ୍ଚୁ ବାରିକଙ୍କ ଦୋକାନ ନିକଟକୁ ନେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଦୀପକ ଓ ଶୁଭ୍ରକାନ୍ତଙ୍କୁ ଚୋର ସନ୍ଦେହ କରି ଗ୍ରାମର କେତେକ ଯୁବକଙ୍କୁ ଘଟଣା ସ୍ଥଳକୁ ଡକାଇ ଥିଲା। ଲୋକ ମାନେ ଆସିବା ପରେ ଉଭୟଙ୍କୁ ଚୋର ଭାବି ମାଡ଼ ମାରିବା ସହ ଦିର୍ଘ ସମୟ ଅଟକ ରଖି ନିର୍ଯାତନା ଦେଇ ସେମାନଙ୍କ ନିକଟରେ ଥିବା ୮ହଜାର ଟଙ୍କାକୁ ଛଡ଼ାଇ ନେଇଥିଲେ। ପରେ ଗ୍ରାମର କେତେକ ଲୋକ ଆସି ବୁଝା ସୁଝା କରିବା ପରେ ସେମାନଙ୍କୁ ଛାଡିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଆଞ୍ଚଳିକ ମନ୍ଥନ

ବୁଧବାର, ୧୧ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday, 11 November, 2026, Bhubaneswar



ବାପାଙ୍କୁ ହରାଇ କାନ୍ଦୁଛି କୁନି ଝିଅ

ଖୋର୍ଦ୍ଧା, ୧୦।୧୧ (ନି.ପ୍ର): ଯେଉଁ ବୟସରେ ବାପାଙ୍କ ସ୍ନେହ ଓ ସୁରକ୍ଷା ପାଇ ପିଲାଟି ହସିଖେଳି ବଢ଼ିବା କଥା, ସେହି ବୟସରେ ବାପାଙ୍କୁ ହରାଇ ଅସହାୟ ହୋଇପଡ଼ିଛି ଜଣେ ହତଭାଗିନୀ କୁନି ଝିଅ । ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଝିଅଙ୍କ ମୁଣ୍ଡ ଉପରୁ ଉଠିଯାଇଛି ରୋଜଗାରକ୍ଷମ ବ୍ୟକ୍ତିଙ୍କ ଛାୟା । ଏବେ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ପରିବାର ପାଇଁ କଷ୍ଟକର ହୋଇପଡ଼ିଛି । ଅସହାୟ ମାଆର ଆଖିରୁ ଶୁଖୁନି ଲୁହ । ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗିପଡ଼ିଛି ପରିବାର । ଆର୍ଥିକ ମେରୁଦଣ୍ଡ, ସରକାରୀ ସହାୟତା ପାଇଁ ବିଧବାଙ୍କ ଆକୁଳ ନିବେଦନ । ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଖାଇଗୁଡ଼ିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ । ଇଚ୍ଛାପୁର ଗ୍ରାମର ସ୍ୱର୍ଗତ ମହମ୍ମଦ ଫାରୁକ୍ ଖାଁଙ୍କ କନିଷ୍ଠ ପୁତ୍ର ମହମ୍ମଦ ସଫିକ୍ ଖାଁଙ୍କ ଦୁଇଟି ଯାକ କିଡନୀ ନଷ୍ଟ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ହାମରୁନ୍ ବେଗମ୍ ଓ କୁନି ଝିଅ ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ସବୁଠାରୁ ଦୁଃଖଦ ବିଷୟ ହେଉଛି, ସ୍ୱାମୀ ଜୀବିତ ଥିବା ସମୟରେ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ ଅର୍ଥ ଅଭାବ ଦେଖାଦେବାରୁ ଉଭୟେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇ ଆର୍ଥିକ ସହାୟତା ପାଇଁ ଦରଖାସ୍ତ କରିଥିଲେ । ହେଲେ ସହାୟତା ଅପେକ୍ଷାରେ ଥିବା ପରିବାରକୁ ଶେଷ ପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିଲା ନାହିଁ । ଶେଷରେ ଆଖି ବୁଜିଦେଲେ ମହମ୍ମଦ ସଫିକ୍ ଖାଁ । ବର୍ତ୍ତମାନ ସ୍ୱାମୀଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ହାମରୁନ୍ ବେଗମ୍, ବୋଲଗଡ଼ ବିଡିଓଙ୍କୁ ଭେଟି ପରିବାରର ଦୁର୍ଦ୍ଦଶା ସମ୍ପର୍କରେ ଜଣାଇବା ସହ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି । ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କିଲୋ ଚାଉଳ, ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଏକକାଳୀନ ସହାୟତା ଏବଂ ଝିଅର ପାଠପଢ଼ା ପାଇଁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ସାହିପଡ଼ିଶା ଲୋକେ ମଧ୍ୟ ଏହି ଅସହାୟ ପରିବାରର ଦୁଃଖରେ ସାମିଲ ହୋଇଛନ୍ତି । ଗ୍ରାମବାସୀଙ୍କ କହିବା କଥା, ପରିବାରକୁ ତୁରନ୍ତ ସମସ୍ତ ଯୋଗ୍ୟ ସରକାରୀ ଯୋଜନାରେ ସାମିଲ କରିବା ସହ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବାକୁ ସେମାନେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଅସହାୟ ମାଆ ଓ କୁନି ଝିଅଙ୍କୁ ସହଯୋଗ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପିଡିତ ପରିବାର । ପରିଶେଷରେ, ଜଣେ ଅସହାୟ ବିଧବା ମାଆ ଓ ତାଙ୍କ କୁନି ଝିଅଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ସେମାନଙ୍କୁ ସମସ୍ତ ଯୋଗ୍ୟ ସରକାରୀ ସୁବିଧା ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ଜୋର ଧରିଛି ।



ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ



କଟକ,, ୧୦।୧୧ (ନି.ପ୍ର): ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଆଜି ପୂର୍ବାହ୍ନରେ ମାନ୍ୟବର ବିଧାୟିକା ଇଂ ସୋଫିଆ ଫିରଦୋସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୂର୍ବ ଅନୁମୋଦିତ ସହରାଂଚଳରେ ଆବଶ୍ୟକ ଥିବା ଭିତ୍ତିଭୂମିର ବିକାଶ, ରାସ୍ତା ଘାଟ ନିର୍ମାଣ,ଜଳନିଷ୍କାସନ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବ୍ୟବସ୍ଥା ସମ୍ପର୍କିତ ସମସ୍ତ କାର୍ଯ୍ୟର ଅଗ୍ରଗତି ଓ ସ୍ଥିତି ସମୀକ୍ଷା କରାଯାଇଥିଲା । ବୈଠକରେ ପେଟାନାଳ ଓ ବିଭିନ୍ନ ରାସ୍ତାକୁ ସଂଯୋଗ କରୁଥିବା ଚୌରହ ଓ ଛକମାନଙ୍କର ସୌନ୍ଦର୍ଯ୍ୟକରଣ, ପୋଖରୀଗୁଡ଼ିକର ପୁନରୁଦ୍ଧାର, ନୂତନ ଭେଣ୍ଡିଂ ଜୋନ୍ ଆଦି ଚାଲୁରହିଥିବା ନିର୍ମାଣାଧିନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ନୂତନ ଭେଣ୍ଡିଂ ଜୋନ୍ ନିୟମ ଅନୁଯାୟୀ ଉପଯୁକ୍ତ, ଆବଶ୍ୟକତା ଥିବା ସ୍ଥାନୀୟ ଦୋକାନୀମାନଙ୍କୁ ଏହାର ସୁବିଧା ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ । ସେହିପରି ମହାନଦୀ ୱାଟରଫ୍ରଣ୍ଟ ବିକାଶ ପ୍ରକଳ୍ପ, ନୂତନ ଅଡିଟୋରିୟମ୍ ନିର୍ମାଣ, ବକ୍ସିବଜାରସ୍ଥିତ ମାର୍କେଟ୍ କମ୍ପ୍ଲେକ୍ସର ନବୀକରଣ ଏବଂ ସ୍ୱେରେଜ୍ ବ୍ୟବସ୍ଥାର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ବିକାଶ, ଗଡଖାଇର ଉନ୍ନତିକରଣ, ନିୟମିତ ରକ୍ଷଣାବେକ୍ଷଣ, ରୂପା ତାରକସି ହବ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯିବ ସହ ଶିଶୁଭବନର ଉନ୍ନତିକରଣ , ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯନ୍ତ୍ରପାତି ସ୍ଥାପନ, ରୋଗୀ ଶଯ୍ୟା ବ୍ୟବସ୍ଥା ,ଭିତ୍ତିଭୂମି ରକ୍ଷଣାବେକ୍ଷଣ ଆଦି ସମ୍ପର୍କରେ ବିସ୍ତୃତ ସମୀକ୍ଷା ହୋଇଥିଲା । ଆବଶ୍ୟକ ହେଉଥିବା ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ବିଦ୍ୟୁତ୍ ସଂଯୋଗୀକରଣ ଓ ନିରବଚ୍ଛିନ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଟିପିସିଓଡିଏଲ୍ ଅଧିକାରୀଙ୍କୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ ।ଏଥି ସହ ବାରବାଟୀ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ କିଓସ୍କ ସ୍ଥାପନ ନିମନ୍ତେ ୱାଟକୋ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ମିୟାୱାକି ପଦ୍ଧତିରେ ବୃକ୍ଷରୋପଣ କରିବା ନିମନ୍ତେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ସମୀକ୍ଷା ପୂର୍ବକ ବୈଠକରେ ସମସ୍ତ ସ୍ଥିତି ସମ୍ପର୍କରେ ଅବଗତ ହୋଇ ବିଶେଷକରି ଆଲୋଚନା ମାଧ୍ୟମରେ ବାରବାଟୀ ନିର୍ବାଚନ ମଣ୍ଡଳୀର ଡ୍ରେନେଜ ନବୀକରଣ ଓ ଡ୍ରେନ୍ ସଫେଇ, ସ୍ଲୁଇସ୍ ଗେଟ୍ ?ର ରକ୍ଷଣାବେକ୍ଷଣ ଓ ମରାମତି, ଖେଳପଡ଼ିଆର ନବୀକରଣ, ବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ, ମହାପୁରୁଷମାନଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତଥା ଅନ୍ୟାନ୍ୟ ସମସ୍ୟାଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା,ଶ୍ରୀମତୀ ସଂଗୀତା ସାହୁ ଏବଂ ଉପନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ଦାଶଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

ମା' ଶ୍ୟାମାକାଳୀ ପୂଜା ମଣ୍ଡପରେ ବ୍ରହ୍ମପୁର ସାଂସଦଙ୍କ ପୂଜାର୍ଚ୍ଚନା



କୁକୁଡାଖଣ୍ଡି, ୧୦।୧୧ (ନି.ପ୍ର) : କୁକୁଡାଖଣ୍ଡି ଗ୍ରାମର କାଲୁଆ ସାହିଠାରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ଆୟୋଜିତ ମା' ଶ୍ୟାମାକାଳୀଙ୍କ ପୂଜା ମହୋତ୍ସବ ଭକ୍ତିମୟ ପରିବେଶରେ ଜାରି ରହିଛି । ପୂଜାର ଦ୍ୱିତୀୟ ଦିନରେ ଅତିଥି ଭାବେ ଯୋଗଦେଇ ମା'ଙ୍କ ସନ୍ଧ୍ୟା ଆଳତି ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ । ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ବିପିନ ପ୍ରଧାନ, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ ଓ ଗଙ୍ଗାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପୂଜା କମିଟି ପକ୍ଷରୁ ଅତିଥିମାନଙ୍କୁ ଏକ ବିରାଟ ପଟୁଆରରେ ପୂଜା ମଣ୍ଡପ ନିକଟକୁ ପାଛୋଟି ନିଆଯାଇଥିଲା । ମା'ଙ୍କ ଦର୍ଶନ କରିବା ସହ ସମଗ୍ର ଅଞ୍ଚଳର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ସାଂସଦ ଡଃ ପାଣିଗ୍ରାହୀ ମା' ଶ୍ୟାମାକାଳୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।ସନ୍ଧ୍ୟା ଆଳତି ଓ ମା'ଙ୍କ ଦର୍ଶନ ପାଇଁ କୁକୁଡାଖଣ୍ଡି ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ଘଣ୍ଟ, ଶଙ୍ଖ ଓ ଭକ୍ତିମୟ ପରିବେଶରେ ପୂଜା ମଣ୍ଡପ ଉତ୍ସବମୁଖର ହୋଇଉଠିଥିଲା । ସଂଯୋଗ ପଟ୍ଟନାୟକ, ସୁରେଶ ଦଳେଇ, ସୁଶାନ୍ତ ପାତ୍ର, ବିକାଶ ପାତ୍ର, କେ. ଅବିନାଶ ଓ ଗଙ୍ଗାଧର ମହାନ୍ତି, ଚନ୍ଦନ ମହାନ୍ତି, ସାଗର ମହାନ୍ତି,ଙ୍କ ସମେତ ସାହିର ଯୁବଗୋଷ୍ଠୀ ଓ ପୂଜା କମିଟିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ଆୟୋଜିତ ହୋଇଥିଲା ।

ଜୁମଡ଼ାଙ୍ଗ ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ
ତ୍ୱରିତ ସମାଧାନ ପାଇଁ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ



ମାଲକାନଗିରି/ ଚିତ୍ରକୋଣ୍ଡା, ୧୦/୧୧ (ନି.ପ୍ର) :ଉଭୟ ଜିଲ୍ଲା ଓ ରାଜ୍ ପ୍ରଶାସନ ପାଇଁ ଗୁରୁତ୍ୱ ବହନ କରୁଥିବା ଚିତ୍ରକୋଣ୍ଡା ବ୍ଲକ୍ ଧୁଳିପୁଟ ପଞ୍ଚାୟତ ଅନ୍ତର୍ଗତ ଜୁମଡ଼ାଙ୍ଗ ଗ୍ରାମର ସମସ୍ୟା ସମାଧାନ ତଥା ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଏଫ.ଏଲ.ସି ହଲ୍ ଠାରେ ଆୟୋଜିତ ଏହି ବୈଠକରେ ଗ୍ରାମବାସୀଙ୍କ ବିଭିନ୍ନ ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଜୁମଡ଼ାଙ୍ଗ ପ୍ରସଙ୍ଗ ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ପ୍ରଶାସନ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛି । ଏହି ବୈଠକରେ ରାସ୍ତା ନିର୍ମାଣ, ଜମି ପଟ୍ଟା ପ୍ରଦାନ, ଇଲେକ୍ଟ୍ରିଫିକେସନ୍, ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଭଳି ଅତ୍ୟାବଶ୍ୟକ ମୌଳିକ ସମସ୍ୟାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଆଧାର କାର୍ଡ, ବାସିନ୍ଦା (ରେସିଡେଣ୍ଟ) ସାର୍ଟିଫିକେଟ୍, ପିଏମ୍ ଏବଂ ଆରଏଚ୍ ଆବାସ ଯୋଜନା ତଥା ପିଡିଏସ୍ ବ୍ୟବସ୍ଥାରେ ଠିକ୍ ଭାବେ ଚାଉଳ ବଣ୍ଟନ ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଛି । ସମସ୍ୟାର ତ୍ୱରିତ ସମାଧାନ ନେଇ ଜିଲ୍ଲାପାଳ କହିଛନ୍ତି ଯେ, ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ । ରାସ୍ତାଘାଟ, ବିଦ୍ୟୁତ୍ କରଣ, ଏବଂ ଆବାସ ଯୋଜନା ଭଳି ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ସିଡିଓ-କମ୍-ଇଓ ଦାଶରଥୀ ସରାବୁ, ପିଏ ଆଇଟିଡିଏ ହଲଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାର ଏବଂ ତହସିଲଦାର ନଟବର ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଜୁମଡ଼ାଙ୍ଗ ଗ୍ରାମବାସୀ ମାନେ ମଧ୍ୟ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ ।

ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ନିର୍ଯ୍ୟାତନା ଦେଇ ଟଙ୍କା ଲୁଟ୍

ବଳଙ୍ଗା, ୧୦।୧୧ (ନି.ପ୍ର): ମଙ୍ଗଳବାର ରାତିରେ ଚୋର ସନ୍ଦେହ କରି ବଳଙ୍ଗା ଥାନା ବାଲିଆ ଗ୍ରାମ ଠାରେ ୨ଜଣ ଯୁବକଙ୍କୁ ମାଡ଼ ମାରି ନିର୍ଯ୍ୟାତନା ଦେବା ସହ ଟଙ୍କା ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଘୋଡକ ଗ୍ରାମର ଦୀପକ ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଦୀପକ ଗତକାଲି ରାତି ୧୦ଟାରେ ଏହି ଥାନା ଅନ୍ତର୍ଗତ ପିଢ଼ ସାହି ଗ୍ରାମର ଶୁଭ୍ରକାନ୍ତ ସ୍ୱାଇଁଙ୍କ ସହ ବାଇକ ଯୋଗେ ହରିପୁରରୁ ବଳଙ୍ଗା ରାସ୍ତାରେ ଘରକୁ ଫେରୁଥିଲେ । ବାଲିଆ ଗ୍ରାମ ମୁଣ୍ଡରେ ହେଲା ବେଳକୁ ପଛରୁ ଏକ ସ୍କୁଟି ଯୋଗେ ଆସୁଥିବା ଜଣେ ଯୁବକ ଉଭୟଙ୍କୁ ଅଟକାଇ ଥିଲା । ସେଠାରେ ଥିବା ବାଲିଆ ଗ୍ରାମର ପଞ୍ଚୁ ବାରିକଙ୍କ ଦୋକାନ ନିକଟକୁ ନେଇ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ଦୀପକ ଓ ଶୁଭ୍ରକାନ୍ତଙ୍କୁ ଚୋର ସନ୍ଦେହ କରି ଗ୍ରାମର କେତେକ ଯୁବକଙ୍କୁ ଘଟଣା ସ୍ଥଳକୁ ଡକାଇ ଥିଲା । ଲୋକ ମାନେ ଆସିବା ପରେ ଉଭୟଙ୍କୁ ଚୋର ଭାବି ମାଡ଼ ମାରିବା ସହ ଦିର୍ଘ ସମୟ ଅଟକ ରଖି ନିର୍ଯାତନା ଦେଇ ସେମାନଙ୍କ ନିକଟରେ ଥିବା ୮ହଜାର ଟଙ୍କାକୁ ଛଡ଼ାଇ ନେଇଥିଲେ । ପରେ ଗ୍ରାମର କେତେକ ଲୋକ ଆସି ବୁଝା ସୁଝା କରିବା ପରେ ସେମାନଙ୍କୁ ଛାଡିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

୧୫ରେ ମହାନଦୀବିହାରରେ ହେବ ବିଶାଳ ସ୍ୱାସ୍ଥ୍ୟ ଶିବିର
୧୧ଟି ବିଭାଗରେ ଚିକିତ୍ସା ପରାମର୍ଶ, ଯକୃତ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ

କଟକ, ୧୦।୧୧ (ନି.ପ୍ର) : ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମ୍‌ଡିଏ) ଓ ଫୁଲନଖରାସ୍ଥିତ ସମ୍-୨ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖ ରବିବାର ଦିନ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ । ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ସମ୍-୨ ହସ୍ପିଟାଲର ୧୫ରୁ ଉର୍ଦ୍ଧ୍ୱ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ କରିବେ । ଏହି ଶିବିରରେ ସାଧାରଣ ଭେଷଜ, ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଅସ୍ଥି ଓ ସନ୍ଧି, ଚକ୍ଷୁ, କର୍ଣ୍ଣ-ନାସା-ଗଳା, ଚର୍ମ ଓ ଯୌନ ସଂକ୍ରମଣ, ହରମୋନ୍ ଓ ଅନ୍ତଃସ୍ରାବୀ ଗ୍ରନ୍ଥି, ଦନ୍ତ ଏବଂ ସ୍ନାୟୁରୋଗ ଆଦି ୧୧ଟି ବିଭାଗରେ ରୋଗୀଙ୍କୁ ବିଶେଷଜ୍ଞ ପରାମର୍ଶ ମିଳିବ । ଏଥିସହ ଆଇଆଇଜିଏଚ୍ ପକ୍ଷରୁ ଯକୃତର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଫାଇବ୍ରୋସ୍କାନ୍ ବ୍ୟବସ୍ଥା କରାଯାଇଛି । ବିଶେଷଜ୍ଞ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଓ ହେପାଟୋଲୋଜିଷ୍ଟ ଯକୃତଜନିତ ରୋଗର ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେବେ ।

ସେହିପରି କ୍ୟୁର୍ ୱେଲ୍ ଲାବୋରେଟୋରି - କ୍ୟୁନେଟିକ୍ ଲାବ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରକ୍ତରେ ଶର୍କରା, ହିମୋଗ୍ଲୋବିନ୍, ରକ୍ତ ଗ୍ରୁପ, ଏଲ୍‌ଏଫ୍‌ଟି ଓ ଲିପିଡ୍ ପ୍ରୋଫାଇଲ୍ ଆଦି ପରୀକ୍ଷାର ସୁବିଧା ଉପଲବ୍ଧ ହେବ । ରୀତିଶା କ୍ଲିନିକ୍ ପକ୍ଷରୁ ବଡି ଆନାଲାଇଜର୍ ମାଧ୍ୟମରେ ଶରୀରର ବିଭିନ୍ନ ସ୍ୱାସ୍ଥ୍ୟ ସୂଚକାଙ୍କ ଯାଞ୍ଚ କରାଯିବ । ଡାକ୍ତରଙ୍କ ପରାମର୍ଶକ୍ରମେ ଆବଶ୍ୟକ ରୋଗୀଙ୍କୁ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯିବ । ମୀରା ମେଡିସିନ୍ ପକ୍ଷରୁ ଔଷଧ କ୍ରୟରେ ସ୍ୱତନ୍ତ୍ର ରିହାତି ଏବଂ ରୁଚି ଫୁଡ୍ ପକ୍ଷରୁ ରୋଗୀଙ୍କ ନିମନ୍ତେ ଶୁଖିଲା ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ରହିଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି, ରୋଗର ଆଗୁଆ ଚିହ୍ନଟ ଏବଂ ଉନ୍ନତ ଚିକିତ୍ସା ପରାମର୍ଶ ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଶିବିରରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏମ୍ ?ଡିଏ କାର୍ଯ୍ୟାଳୟରେ ଆଗୁଆ ପଞ୍ଜୀକରଣ କରିପାରିବେ । ଏହି ଜନହିତକର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏମ୍?ଡିଏ ସଭାପତି ସଞ୍ଜୟ କୁମାର ଜେନା, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହସମ୍ପାଦକ ଜ୍ଞାନରଞ୍ଜନ ଦାସ ଓ କୋଷାଧ୍ୟକ୍ଷ ପ୍ରଭାକର ରଣାଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ବରଦା ପ୍ରସନ୍ନ ନାୟକ, ବିଚିତ୍ରାନନ୍ଦ ପଣ୍ଡା, ଗୋଲେଖ ଚନ୍ଦ୍ର କାନୁନଗୋ, ହରିପ୍ରିୟା ଧଳ, ଯଦୁନାଥ ମହାପାତ୍ର, କମଳ ପ୍ରସାଦ ମହାନ୍ତି, ମାନବେଶ ରାୟ, ମନୋଜ କୁମାର ଦାସ, ନିକୁଞ୍ଜ ବିହାରୀ ରଥ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ରତିକ ମହାନ୍ତି, ସୁଜିତ କୁମାର ମିଶ୍ର, ସୁଶାନ୍ତ କୁମାର ଘୋଷ ଓ ତପସ ଚନ୍ଦ୍ର ସାମନ୍ତ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି । ଏମ୍‌ଡିଏ ପକ୍ଷରୁ ମହାନଦୀବିହାର ଓ ଆଖପାଖ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଏହି ଶିବିରରେ ଯୋଗଦେଇ ସୁଯୋଗର ସଦୁପଯୋଗ କରିବାକୁ ଅନୁରୋଧ କରାଯାଇଛି ।

ବାଲୁଖଣ୍ଡ ଅଭୟାରଣ୍ୟ ପରିସରରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରକୃତି ଶିବିର ଅନୁଷ୍ଠିତ



ଗୋପ, ୧୦।୧୧ (ନି.ପ୍ର): ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିନ ଆର୍ତ୍ତତ୍ରକ୍ଷଣ କାର୍ତ୍ତିକେସ୍ୱର୍ ବିଦ୍ୟା ପୀଠ , ନୂଆଗାଁ, ଜାତୀୟ ସବୁଜ ବାହିନୀ ପକ୍ଷରୁ ଏକ ପ୍ରକୃତି ଶିବିର କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର ଙ୍କ ସହାୟତା ରେ ଆୟୋଜିତ କାର୍ଯ୍ୟକ୍ରମ କୁ ମୁଖ୍ୟଅ ତିଥି ଭାବରେ କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା , ପ୍ରଧାନ ଶିକ୍ଷୟତ୍ରୀ ସୁଲୋଚନା ସ୍ୱାଇଁ , ରେଡକ୍ରସ ର କାଉନସିଲର ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରକୃତି ଶିବିର ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀ ମାନେ ଶିବିରରେ କାଗଜ ରେ ବିଭିନ୍ନ ପ୍ରକାର ର ପ୍ରକଳ୍ପ ପ୍ରସ୍ତୁତି କରିଥିଲେ । ରାମଚଣ୍ଡୀ ର ପ୍ରକୃତି ନିବାସ, ଚନ୍ଦ୍ରଭାଗା ର ବେଳାଭୂମି, ପ୍ରମୁଖ ପରିବେଶ ସମ୍ପର୍କ ରେ ବୁଲି ଦେଖିଥିଲେ । ପରେ ପରେ ଛାତ୍ର ଛାତ୍ରୀ ମାନେ ପରିବେଶ ଓ ଆମେ,ବିଷୟରେ ଚିତ୍ରାଙ୍କନ ପ୍ରତିଯୋଗିତକ୍ଷ ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରିବେଶ ବିଭାଗର କାର୍ଯ୍ୟକ୍ରମ ଅଧିକାରି ପ୍ରଶାନ୍ତ କୁମାର ଦାଶ, ଓ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଙ୍କ ପ୍ରତ୍ୟକ୍ଷ ଦାୟିତ୍ୱ ରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

୬୫ ଟନ୍‌ରୁ ଉର୍ଦ୍ଧ୍ୱ ପେଟ୍‌କୋ ଜବତ : ମାଷ୍ଟର ମାଇଣ୍ଡ ଫେରାର

ପାରାଦ୍ୱୀପ ରୁ ପୁରୀ ପର୍ଯ୍ୟନ୍ତ ଲମ୍ବିଛି ଚେର
୧୬୦୦ରୁ ଅଧିକ ଅଖା ବ୍ୟାଗ୍‌ରେ ଥିଲା ଗଚ୍ଛିତ
୫ ଦିନ ପୂର୍ବରୁ ଲକ୍ ଥାନା ଅଞ୍ଚଳରୁ ମଧ୍ୟ କୋଇଲା ଜବତ

ପାରାଦ୍ୱୀପ, ୧୦।୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ କୋଇଲା ଓ ପେଟ୍‌କୋ ଜବତ ଘଟଣାକୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା । ଗୋଟିଏ ପଟେ ଲକ୍ ଥାନା ଅଞ୍ଚଳରୁ ୫୦ରୁ ୬୦ ଅଖା ବ୍ୟାଗ୍ କୋଇଲା ଜବତ ହୋଇଥିବା ବେଳେ, ଅନ୍ୟପଟେ ଅଭୟଚାନ୍ଦପୁର ଥାନା ପୁଲିସ ଜବତ କରିଛି ୬୫ ଟନ୍ ?ରୁ ଉର୍ଦ୍ଧ୍ୱ ପେଟ୍‌କୋ । ୧୬୦୦ରୁ ଅଧିକ ଅଖା ବ୍ୟାଗ୍‌ରେ ଗଚ୍ଛିତ ରଖାଯାଇଥିବା ଏହି ପେଟ୍‌କୋ ଜବତ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ପଛରେ କିଏ ଅଛନ୍ତି ଏବଂ କେଉଁଠାରୁ ଏତେ ପରିମାଣର ପେଟ୍‌କୋ ଆସିଲା, ତାହାକୁ ନେଇ ଉଠିଛି ବିରାଟ ପ୍ରଶ୍ନ ।

ଅଭୟଚାନ୍ଦପୁର ଥାନା ପୁଲିସ ହାତରେ ଲାଗିଛି ବିପୁଳ ପରିମାଣର ଏହି ପେଟକୋ । ଜବତ ହୋଇଛି ୧୬୦୦ରୁ ଉର୍ଦ୍ଧ୍ୱ ଅଖା ବ୍ୟାଗ୍ ?ରେ ଗଚ୍ଛିତ ରଖାଯାଇଥିବା ୬୫ ଟନ୍ ?ରୁ ଅଧିକ ପେଟ୍‌କୋ । ଏହି ଘଟଣାରେ



ସୁକାନ୍ତ ପରିଡ଼ାଙ୍କ ନାମରେ ଅଭୟଚାନ୍ଦପୁର ଥାନାରେ କେସ୍ ନମ୍ବର ୩୩୭/୨୬, ତାରିଖ ୦୮.୧୧.୨୦୨୬ ରେ ମାମଲା ରୁଜୁ ହୋଇଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଓ ୩୧୭(୨) ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ଥାନାର ଏସ୍‌ଆଇ ଧର୍ମରାଜ ସେଠ ସିଧା ସଳଖ ଅଭିଯୋଗକାରୀ ରହିଛନ୍ତି । ତେବେ ଏହି ଘଟଣାର ପ୍ରାୟ ପାଞ୍ଚ ଦିନ ପୂର୍ବରୁ ଲକ୍ ଥାନା ଅଞ୍ଚଳରୁ ମଧ୍ୟ ୫୦ରୁ ୬୦ ଅଖା ବ୍ୟାଗ୍ କୋଇଲା ଜବତ ହୋଇଥିବା ସୂଚନା ମିଳିଛି । ଅଳ୍ପ ଦିନ ବ୍ୟବଧାନରେ ଜିଲ୍ଲାର ଦୁଇଟି ଥାନା ଅଞ୍ଚଳରୁ କୋଇଲା ଓ ପେଟ୍‌କୋ ଜବତ ହେବା ଘଟଣା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

ଏତେ ପରିମାଣର ପେଟ୍‌କୋକ୍ କେଉଁଠାରୁ ଆସିଲା ଏହା ଗଚ୍ଛିତ ରଖିବା ପଛରେ କାହାର ଉଦ୍ଦେଶ୍ୟ ରହିଥିଲା ? ଏହାର ପରିବହନ ଓ ମାଲିକାନା ସମ୍ପର୍କରେ କେଉଁ ତଥ୍ୟ ରହିଛି ? ଏସବୁ ଦିଗକୁ ନେଇ ଏବେ ତଦନ୍ତର ଆବଶ୍ୟକତା ରହିଛି । ପୁଲିସ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ନାଁ ମୋଟା ଅଙ୍କର କିକବ୍ୟାକ ଘଟଣାକୁ ଦିଗହରା କରାଇବ ଦେଖିବାକୁ ବାକି ରହିଲା । ଏହି ପେଟକୋ ଫ୍ୟାକ୍ଟ୍ରି ଉତ୍ପାଦନରୁ ହୋଇଥିଲା ବେଳେ ଆମ ଦେଶ ତଥା ବିଦେଶକୁ ଏହା ରପ୍ତାନି କରାଯାଇ ଥାଏ । କ୍ୟୁଏତ ଜାପାନ ଭଳି ଆହୁରି ଅନେକ ଦେଶରେ ଏହାର ବେସ ଚାହିଦା ଥାଏ । ଖବର ବୁଝୁ ବୁଝୁ ଜଣା ପଡିଲା ପାରାଦ୍ୱୀପ ରୁ ପୁରୀ ପର୍ଯ୍ୟନ୍ତ ଲମ୍ବିଛି ଏହାର ଚେର । ଯଦି ଏହାର ମାଷ୍ଟର ମାଇଣ୍ଡ ଧରାଯାଏ ବୁଡି ରହିଥିବା ଅନେକ ଗୁଢ ରହସ୍ୟ ଲୋକଲୋଚନକୁ ଆସିବା ସହ କେତେଯେ ବଳି ପଡିନ ଯିବେ କିଏବା କହିବ ।

ନାବାଳିକା ଦୁଷ୍କର୍ମ ମାମଲା
ଅଭିଯୁକ୍ତକୁ କାବୁ କରି ପୋଲିସ ଜିମା ଦେଲେ

ବଳଙ୍ଗା, ୧୦।୧୧ (ନି.ପ୍ର):୨୦୧୯ ମସିହାରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ କାବୁ କରି ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ । ଅଭିଯୁକ୍ତ ଫେରାର ହେବା ପାଇଁ ବାଇକରୁ ଡେଇଁ ପଡ଼ି ଗୁରୁତର ହୋଇଛି । ପୋଲିସ ଅଭିଯୁକ୍ତକୁ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଅଭିଯୁକ୍ତର ବାମ ଗୋଡ ଭାଙ୍ଗିଥିବା ନେଇ ଏକ୍ସ ରେ କରିବା ପରେ ଜଣା ପଡିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ବରିମୁଣ୍ଡେଇ ଗ୍ରାମର ଜିତେନ କୁମାର ନାୟକ ପାଖ ଗ୍ରାମର ଜଣେ ୧୪ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ନାବାଳିକା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ପୋସକୋ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା । ଅଭିଯୁକ୍ତ ଗିରଫ ଭୟରେ ଫେରାର ଥିଲା । ତେବେ ଅଭିଯୁକ୍ତ ଜିତେନ୍ ବରିମୁଣ୍ଡେଇ ନିକଟରେ ବାଇକ ଧରି ବୁଲୁଥିବା ନେଇ ନାବାଳିକା ଗ୍ରାମର କେତେକ ଲୋକ ଦେଖିଦେବାରୁ ଫେରାର ହେବା ପାଇଁ ସେ ବାଇକରୁ ଡେଇଁ ପଡ଼ିଥିଲା । ଫଳରେ ଜୀତେନର ଡାହାଣ ଗୋଡ ବାଇକ ତଳେ ଚାପି ହୋଇଯିବାରୁ ସେ ଗୁରୁତର ହୋଇଥିଲା । ସ୍ଥାନୀୟ ଲୋକେ ତାକୁ ଧରି ବଳଙ୍ଗା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚିବା ପରେ ଲୋକମାନେ ତାକୁ ପୋଲିସ ଜିମା ଦେଇଥିଲେ ଜୀତେକୁ ଆଣି ପୁଲିସକୁ ହସ୍ତାନ୍ତର କରିଥିଲେ । ଅଭିଯୁକ୍ତର ଚିକିତ୍ସା ଜାରି ରହିଛି । ଏନେଇ ପୋଲିସ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଛି । ସୁସ୍ଥ ହେଲା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇ ଆଇ ସି ସସ୍ମିତା ସାହୁ ସୂଚନା ଦେଇଛନ୍ତି ।

ପରିବାରଭିତ୍ତିକ ଶିଶୁ ଯତ୍ନ ଏବଂ ସୁରକ୍ଷା ଉପରେ କର୍ମଶାଳା ଅନୁଷ୍ଠିତ

ଅନୁଗୋଳ(ନିପ୍ର) : ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫର ବୈଷୟିକ ସହଯୋଗରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ପରିବାର ଭିତ୍ତିକ ଶିଶୁ ଯତ୍ନ ଏବଂ ପରିବାରରୁ ଶିଶୁ ବିଚ୍ଛିନ୍ନତା ରୋକିବା ନେଇ ଏକ ଆଞ୍ଚଳିକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହେବାକୁ ଥିବା ୯ଟି 'ପରିବାରଭିତ୍ତିକ ଯତ୍ନ' କର୍ମଶାଳା ମଧ୍ୟରୁ ଏହା ପଞ୍ଚମ ପର୍ଯ୍ୟାୟ ଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକ ଶିଶୁଙ୍କ ପାଇଁ ଶେଷ ବିକଳ୍ପ ହେବା ଉଚିତ୍ ବୋଲି କହିଥିଲେ। ଶିଶୁମାନଙ୍କୁ ଫୋଷ୍ଟର କେୟାର ଏବଂ କିନ୍ ?ସିପ୍ କେୟାର ଭଳି ପରିବାର ଭିତ୍ତିକ ସେବାରେ



ସାମିଲ କରିବା ପାଇଁ ଅଧିକ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ୟୁନିସେଫ୍ ?ର ଶିଶୁ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଙ୍କିତ କେଶରୀ ଏହି ଅବସରରେ ବୈଷୟିକ ଅଧିବେଶନ ପରିଚାଳନା କରିଥିଲେ। ଏଥିରେ ପରିବାରରୁ ଶିଶୁଙ୍କ ବିଚ୍ଛିନ୍ନତା ରୋକିବା, ପରିବାର ସହାୟତା ସେବାକୁ ସୁଦୃଢ଼ କରିବା, ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ଭୂମିକା, ଫୋଷ୍ଟର ଓ କିନ୍ ?ସିପ୍ କେୟାରର ପ୍ରସାର ଏବଂ ଅନୁଷ୍ଠାନ ଛାଡୁଥିବା ଶିଶୁମାନଙ୍କ ପାଇଁ ଆଫ୍ଟର-କେୟାର ସେବାର ସୁଧାର ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ କସ୍ତୁରୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଶିଶୁ ମଙ୍ଗଳ କମିଟି,ଶିଶୁ ନ୍ୟାୟ ବୋର୍ଡର ସଦସ୍ୟ, ସ୍ୱତନ୍ତ୍ର ଶିଶୁ ପୋଲିସ ୟୁନିଟ୍, ଚାଇଲ୍ଡ ହେଲ୍ପଲାଇନ୍, ମହିଳା ସଶକ୍ତିକରଣ କେନ୍ଦ୍ର ଏବଂ ୱାନ ଷ୍ଟପ୍ ସେଣ୍ଟରର ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

ଏକ ମାସର ଦରମା ଦାନ କଲେ ଚିକିଟି ବିଧାୟକ ମନୋରଞ୍ଜନ

ବ୍ରହ୍ମପୁର,୧୦।୧୧: ବିପଦ ବେଳେ ବିପନ୍ନଙ୍କ ପାଖରେ ଠିଆ ହେଲେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା। ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ଗଞ୍ଜାମ ଜିଲ୍ଲାବାସୀଙ୍କ ସହାୟତା ପାଇଁ ସେ



ନିଜର ଏକ ମାସର ଦରମା ପ୍ରଦାନ କରିଛନ୍ତି। ଏହି ଅର୍ଥରାଶି ସେ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିଥିବା ବେଳେ, ଏହା ବନ୍ୟା ବିପନ୍ନଙ୍କ ରିଲିଫ୍ ଓ ସହାୟତା କାର୍ଯ୍ୟରେ ବିନିଯୋଗ ହେବ। ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅନେକ ପରିବାର ଘରଦ୍ୱାର, ଜୀବିକା ଓ ଚାଷବାସ ହରାଇ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ସମୟରେ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇ ବିଧାୟକ୍।

ବାପାଙ୍କୁ ହରାଇ କାନ୍ଦୁଛି କୁନି ଝିଅ, ଅସହାୟ ମାଆଙ୍କ ଆଖିରୁ ଶୁଖୁନି ଲୁହ

ଖୋର୍ଦ୍ଧା: ୧୦/୧୧ ଭାଗ୍ୟର ବିଡ଼ମ୍ବନା ! ଯେଉଁ ବୟସରେ ବାପାଙ୍କ ସ୍ନେହ ଓ ସୁରକ୍ଷା ପାଇ ପିଲାଟି ହସିଖେଳି ବଢ଼ିବା କଥା, ସେହି ବୟସରେ ବାପାଙ୍କୁ ହରାଇ ଅସହାୟ ହୋଇପଡ଼ିଛି ଜଣେ କୁନି ଝିଅ। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଝିଅଙ୍କ ମୁଣ୍ଡ ଉପରୁ ଉଠିଯାଇଛି ରୋଜଗାରକ୍ଷମ ବ୍ୟକ୍ତିଙ୍କ ଛାୟା। ଏବେ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ପରିବାର ପାଇଁ କଷ୍ଟକର ହୋଇପଡ଼ିଛି।

ଏଭଳି ଏକ ହୃଦୟବିଦାରକ ଘଟଣା ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଖାଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରୁ ସାମ୍ନାକୁ ଆସିଛି। ଗ୍ରାମର ସ୍ୱର୍ଗତ ମହମ୍ମଦ ଫାରୁକ୍ ଖାଁଙ୍କ କନିଷ୍ଠ ପୁତ୍ର ମହମ୍ମଦ ସଫିକ୍ ଖାଁଙ୍କ ଦୁଇଟି ଯାକ କିଡନୀ ନଷ୍ଟ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ହାମରୁନ୍ ବେଗମ୍ ଓ କୁନି ଝିଅ ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି।ସବୁଠାରୁ ଦୁଃଖଦ ବିଷୟ ହେଉଛି, ସ୍ୱାମୀ ଜୀବିତ ଥିବା ସମୟରେ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ ଅର୍ଥ ଅଭାବ ଦେଖାଦେବାରୁ ଉଭୟେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇ ଆର୍ଥିକ ସହାୟତା ପାଇଁ ଦରଖାସ୍ତ କରିଥିଲେ। ହେଲେ ସହାୟତା ଅପେକ୍ଷାରେ ଥିବା ପରିବାରକୁ ଶେଷ ପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିଲା ନାହିଁ। ଶେଷରେ ଆଖି ବୁଜିଦେଲେ ମହମ୍ମଦ ସଫିକ୍ ଖାଁ। ବର୍ତ୍ତମାନ ସ୍ୱାମୀଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ହାମରୁନ୍ ବେଗମ୍ ବୋଲଗଡ଼ ବିଡିଓଙ୍କୁ ଭେଟି ପରିବାରର ଦୁର୍ଦ୍ଦଶା ସମ୍ପର୍କରେ ଜଣାଇବା ସହ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କିଲୋ ଚାଉଳ, ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଏକକାଳୀନ ସହାୟତା ଏବଂ ଝିଅର ପାଠପଢ଼ା ପାଇଁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇଦେବାକୁ ସେ



ଦାବି କରିଛନ୍ତି ।ଅନ୍ୟପକ୍ଷରେ ସାହିପଡ଼ିଶା ଲୋକେ ମଧ୍ୟ ଏହି ଅସହାୟ ପରିବାରର ଦୁଃଖରେ ସାମିଲ ହୋଇଛନ୍ତି। ପରିବାରକୁ ତୁରନ୍ତ ସମସ୍ତ ଯୋଗ୍ୟ ସରକାରୀ ଯୋଜନାରେ ସାମିଲ କରିବା ସହ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ଏହି ଅସହାୟ ମାଆ ଓ କୁନି ଝିଅଙ୍କୁ ସହଯୋଗ କରିବାକୁ ଇଚ୍ଛୁକ ସହୃଦୟ ବ୍ୟକ୍ତିମାନେ ନିଜ ସାମର୍ଥ୍ୟ ଅନୁସାରେ ନିମ୍ନଲିଖିତ ବ୍ୟାଙ୍କ ଖାତାକୁ ଆର୍ଥିକ ସହାୟତା ପଠାଇପାରିବେ ।ପରିଶେଷରେ, ଜଣେ ଅସହାୟ ବିଧବା ମାଆ ଓ ତାଙ୍କ କୁନି ଝିଅଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ସେମାନଙ୍କୁ ସମସ୍ତ ଯୋଗ୍ୟ ସରକାରୀ ସୁବିଧା ଓ ଆର୍ଥିକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ଜୋର ଧରିଛି।

ଗଞ୍ଜାମରେ ଭିତ୍ତିଭୂମି ବିକାଶକୁ ନୂଆ ଗତି; କୋନିଷି-ଡୁମୁଡୁମି-ମନ୍ଦ୍ରାଜପୁର ରାସ୍ତା ସମ୍ପ୍ରସାରଣ ପାଇଁ ୧୬.୪୯ କୋଟି ମଞ୍ଜୁର

ବ୍ରହ୍ମପୁର,୧୦।୧୧(ଅଭିଜିତ କର): ଗଞ୍ଜାମ ଜିଲ୍ଲାର ଭିତ୍ତିଭୂମି ବିକାଶ ଓ ଯୋଗାଯୋଗକୁ ମଜବୁତ୍ କରିବା ଦିଗରେ ରାଜ୍ୟ ସରକାର ଏକ ବଡ ପଦକ୍ଷେପ ନେଇଛନ୍ତି। ରାଜ୍ୟ ଯୋଜନା ଅଧୀନରେ କୋନିଷି-ଡୁମୁଡୁମି-ମନ୍ଦ୍ରାଜପୁର (ଡଡଜ) ରାସ୍ତାର ସମ୍ପ୍ରସାରଣ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ମୋଟ ୧୬,୪୯,୦୩,୦୦୦ ଟଙ୍କା ମଞ୍ଜୁର କରାଯାଇଛି । ତେବେ ଏହି ଐତିହାସିକ ନିଷ୍ପତ୍ତି ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ବିଭିନ୍ନ ବର୍ଗର ଲୋକ ମାନଙ୍କ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ପୂର୍ବ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ମାନ୍ୟବର ବ୍ରହ୍ମପୁର ସାଂସଦ ଡା. ପ୍ରଦୀପ କୁମାର ପାଣିଗ୍ରାହୀ । ତେବେ ଏହି ପ୍ରକଳ୍ପ ଦ୍ୱାରା କଣ ଫାଇଦା ହେବ ସେନେଇ ସାଂସଦ ସମ୍ୟକ୍ ସୂଚନା ଦେଇଛନ୍ତି ଯେ, ଏହି ରାସ୍ତା ସମ୍ପ୍ରସାରଣ ହେବା ପରେ ଯାତାୟାତ ଆହୁରି ସୁଗମ ଓ ନିରାପଦ ହେବ, ଦୁର୍ଘଟଣା କମିବ, ବାଣିଜ୍ୟିକ ଓ ସାମାଜିକ ଯୋଗାଯୋଗ ବଢ଼ିବ। ଗ୍ରାମ-ସହର ଲିଙ୍କ୍ ମଜବୁତ୍ ହେବା ଦ୍ୱାରା ଜିଲ୍ଲାର ସାମଗ୍ରିକ ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ।

ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ ପୂର୍ବ ତଟ ରେଳବାଇ ପ୍ରତିନିଧି ଦଳଙ୍କ ସୌଜନ୍ୟମୂଳକ ସାକ୍ଷାତ

ପାରାଦୀପ,୧୦/୧୧:- ପୂର୍ବ ତଟ ରେଳବାଇ ର ଏକ ପ୍ରତିନିଧି ଦଳ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତଙ୍କୁ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ପ୍ରିନ୍ସିପାଲ ଚିଫ୍ ମେକାନିକାଲ ଇଞ୍ଜିନିୟର ଶ୍ରୀ ଏ. ରସ୍ତୋଗୀ ଏବଂ ମୁଖ୍ୟ କର୍ମଶାଳା ଇଞ୍ଜିନିୟର ଶ୍ରୀ ବିନୟ କୁଜୁର।

ଏହି ସାକ୍ଷାତ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ପୂର୍ବ ତଟ ରେଳବାଇ ମଧ୍ୟରେ ଥିବା ସମନ୍ୱୟକୁ ଆହୁରି ମଜଭୁତ କରିବାସହ ପଣ୍ୟକାରବାରର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା।କର୍ମଶାଳା ସହାୟତା ବୃଦ୍ଧି, ରୋଲିଂ ଷ୍ଟକ୍ ପରିଚାଳନାରେ ଉନ୍ନତି ଏବଂ ମାଲବାହୀ ରେଳ ପରିଚାଳନା ନିରବଚ୍ଛିନ୍ନ ରଖିବା ଆଦି ମୁଖ୍ୟ ବିଷୟ ଆଲୋଚନାର ଅନ୍ତର୍ଭୁକ୍ତ ଥିଲା। ଉନ୍ନତ ସମନ୍ୱୟ ପାଇଁ ସୁଯୋଗ ଚିହ୍ନଟ କରିବା ଏବଂ ପାରାଦୀପ ବନ୍ଦରକୁ ଓ ବନ୍ଦରରୁ ମାଲପରିବହନ ସୁଚାରୁ ଭାବରେ କରିବା ପାଇଁ ଆବଶ୍ୟକତା ଗୁଡ଼ିକୁ ସମାଧାନ କରିବା ଏହି ଆଲୋଚନାର ଲକ୍ଷ୍ୟ ଥିଲା ।ବହୁମୁଖୀ ଲଜିଷ୍ଟିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା, ମାଲ ନିଷ୍କାସନରେ ଉନ୍ନତି ଆଣିବା ଏବଂ ଭାରତର ସାମୁଦ୍ରିକ ବାଣିଜ୍ୟର ବିକାଶକୁ ସହାୟତା କରିବାରେ ବନ୍ଦର ଓ ରେଳ କ୍ଷେତ୍ରର ପ୍ରଭାବଶାଳୀ ସହଯୋଗର ଗୁରୁତ୍ୱକୁ ଏହି ପଦକ୍ଷେପ ଦର୍ଶାଉଛି ।ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ପ୍ରଧାନମନ୍ତ୍ରୀ ଙ୍କ ଗତିଶକ୍ତିର ଦୃଷ୍ଟିକୋଣ ତଥା ଏକ ଅଧିକ ସମନ୍ୱିତ ଜାତୀୟ ପରିବହନ ନେଟୱାର୍କ ଗଠନରେ



ଅବଦାନ ଦେବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଭାରତୀୟ ରେଳବାଇ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ସହ ଘନିଷ୍ଠ ଭାବରେ କାମ କରିବାକୁ ପ୍ରତିବଦ୍ଧ ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି ।

ଘନ କୁହୁଡି ସମୟରେ ସୁରକ୍ଷିତ ଟ୍ରେନ୍ ପରିଚାଳନା

ଭୁବନେଶ୍ୱର,୧୦।୧୧:କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ୧୦ ନଭେମ୍ବର ୨୦୨୬ ଠାରୁ ୯ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ତିନି ମାସିଆ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ମଣ୍ଡଳ ଅଧୀନରେ ସମସ୍ତ ବିଭାଗର ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ କର୍ମଚାରୀଙ୍କ ସହଯୋଗରେ ଏହି ଅଭିଯାନ ପରିଚାଳନା କରାଯାଉଛି।ଏହି ଅଭିଯାନରେ ଷ୍ଟେସନଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି, ଚଳନ୍ତା ଟ୍ରେନ୍ ?ଗୁଡ଼ିକର ସୁରକ୍ଷା, ସିଗନାଲର ଦୃଶ୍ୟମାନତା ଏବଂ ଆବଶ୍ୟକୀୟ ସୁରକ୍ଷା ଉପକରଣର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଷ୍ଟେସନ୍ ପରିଚାଳକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଡେଟୋନେଟର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ କୁହୁଡ଼ି ସମୟରେ ସିଗନାଲ ସୂଚନା ପ୍ରଦାନ ପାଇଁ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଗନାଲ ଏବଂ ନିର୍ଦ୍ଧାରିତ ଦୃଶ୍ୟମାନତା ପରୀକ୍ଷଣ ଉପକରଣଗୁଡ଼ିକର ନିୟମିତ ଭାବେ ଯାଞ୍ଚ କରାଯିବ। ସିଗନାଲର ଦୃଶ୍ୟମାନତାକୁ ପ୍ରଭାବିତ କରୁଥିବା କୁହୁଡ଼ି ପରିସ୍ଥିତି ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ କଣ୍ଟ୍ରୋଲ୍ କାର୍ଯ୍ୟାଳୟକୁ ସୂଚିତ କରାଯିବ।କମ୍ ଦୃଶ୍ୟମାନତା ସମୟରେ ଲୋକୋ ପାଇଲଟମାନଙ୍କୁ ସିଗନାଲ ଚିହ୍ନଟ କରିବାରେ ସହାୟତା ପାଇଁ କ୍ରୁ ଲବିଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଫଗ୍ ସେଫ୍ ଡିଭାଇସ୍ ଉପଲବ୍ଧ କରାଯିବ। ଦୃଶ୍ୟମାନତା ବୃଦ୍ଧି କରିବା ପାଇଁ ସିଗନାଲ, ଲେଭଲ୍ କ୍ରସିଂ ଗେଟ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ସୂଚକ, ଉଜ୍ଜ୍ୱଳ ସଙ୍କ ?ତ ଷ୍ଟ୍ରିପ୍ ଏବଂ ଦୃଶ୍ୟମାନତା ବୋର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍ ?ମାନଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହିତ ଦୃଶ୍ୟମାନତା ପରିସ୍ଥିତି ଅନୁଯାୟୀ ଟ୍ରେନ୍ ?ର ବେଗ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି।

ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ ଜଣ ଗିରଫ

ଅନୁଗୋଳ (ମନ୍ଥନ): ଆଠମଲ୍ଲିକ ଅଞ୍ଚଳରୁ ଅନୁଗୋଳ ଅଭିମୁଖେ ଚୋରା ଗଞ୍ଜେଇ ଚାଲାଣ ହେଉଥ ?ିବା ସମ୍ପର୍କରେ ବିଶ୍ୱସ୍ତ ଖବର ପାଇ ଅନୁଗୋଳ ସଦର ଥାନା ପୋଲିସ ପକ୍ଷରୁ ଏନ୍ ?ଏଚ୍-୫୫ର ହରିବେରେଣୀ ନିକଟରେ ଏକ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଅତିରିକ୍ତ ଥାନା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ପାଗଡ଼ ନେତୃତ୍ୱ ନେଇଥିଲେ।

ଚଢ଼ାଉ ସମୟରେ ଡଡ-୧୯-ଇଡ-୯୮୦୭ ନମ୍ବର ବିଶିଷ୍ଟ ଏକ କଳା ରଙ୍ଗର ଅଟୋକୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ ଅଟୋରେ ଡ୍ରାଇଭର ସମେତ ମୋଟ ୫ ଜଣ ବ୍ୟକ୍ତି ଯାତ୍ରା କରୁଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ଧଳା ରଙ୍ଗର ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି ଗଞ୍ଜେଇ ସଦୃଶ ନିଶାଦ୍ରବ୍ୟ ମିଳିଥିଲା ।



ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ସ୍ୱାଧୀନ ସରକାରୀ ସାକ୍ଷୀ ଏବଂ ନିଯୁକ୍ତ ଓଜନକାରୀଙ୍କ ଉପସ୍ଥିତିରେ ଘଡଚଙ ଆଇନ, ୧୯୮୫ର ନିୟମାନୁଯାୀ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ତଲାସୀ ଓ ଜବତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଚଢ଼ାଉରେ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ଦୁଇଟି ବସ୍ତାରେ ଥିବା ସନ୍ଦିଗ୍ଧ ଗଞ୍ଜେଇ, ଯାହାର ପ୍ୟାକେଜିଂ ସହିତ ମୋଟ ଓଜନ ୨୧.୮୦୦ କିଲୋଗ୍ରାମ , ଗଞ୍ଜେଇ ଚାଲାଣରେ ବ୍ୟବହୃତ ଡଡ-୧୯-ଇଡ-୯୮୦୭ ନମ୍ବର ବିଶିଷ୍ଟ ଗୋଟିଏ ଅଟେ , ଅଭିଯୁକ୍ତମାନଙ୍କ ନିକଟରୁ ୫ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୬,୮୧୦ଟଙ୍କା। ଏହି ଘଟଣାରେ ଗିରଫ ହୋଇଥିବା ପାଞ୍ଚ ଜଣ ଅଭିଯୁକ୍ତ ହେଲେ: ୧. ଦିନେଶ କୁମାର ଯାଦବ (୩୫), ଜିଲ୍ଲା-ଜମୁଇ, ବିହାର। ୨. କାମେରା ବିବି (୫୯), ଜିଲ୍ଲା-ବୀରଭୂମ, ପଶ୍ଚିମବଙ୍ଗ। ୩. ଜିବନ ମାଲ (୫୫), ଜିଲ୍ଲା-ବର୍ଦ୍ଧମାନ, ପଶ୍ଚିମବଙ୍ଗ ୪. ଆଲକା ଦାସ (୫୪), ଜିଲ୍ଲା-ବୀରଭୂମ, ପଶ୍ଚିମବଙ୍ଗ। ୫. ଭକ୍ତି ଦାସ (୨୫), ଜିଲ୍ଲା-ଅନୁଗୋଳ, ଓଡ଼ିଶା।

ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ଆଠମଲ୍ଲିକ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଅନୁଗୋଳ ରେଳ ଷ୍ଟେସନ୍ ଦେଇ ପଶ୍ଚିମବଙ୍ଗକୁ ଚାଲାଣ କରି ସେଠାରେ ବେଆଇନ ଭାବେ ବିକ୍ରୟ କରି ଆର୍ଥିକ ଲାଭ ଉଠାଇବା ଉଦ୍ଦେଶ୍ୟରେ ନେଉଥ ?ିବା ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଅନୁଗୋଳ ସଦର ଥାନାରେ ଘଡଚଙ ଆଇନ, ୧୯୮୫ର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରାଯାଇ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି। ଗଞ୍ଜେଇର ଉତ୍ସ, ଏହାର ଗ୍ରହୀତା ଏବଂ ଏହି ବେଆଇନ ଚାଲାଣ ନେଟୱାର୍କରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଛି।

ଶ୍ରମିକ ମାନଙ୍କ ହକ ଓ ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ରାଜ ରାସ୍ତାକୁ ଓହ୍ଲେଇବ ପୂର୍ବ ଉପକୂଳ ଶ୍ରମିକ ସଂଘ

ପାରାଦୀପ - ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ସହ ଅନୁବନ୍ଧିତ ପୂର୍ବ ଉପକୂଳ ଶ୍ରମିକ ସଂଘର ଏକ ସମ୍ବର୍ଦ୍ଧନା ସଭା ପାରାଦୀପ ନୂଆବଜାର ସ୍ଥିତ ସଙ୍ଘ କାର୍ଯ୍ୟାଳୟ ନିକଟରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ବିଏମଏସ ରାଜ୍ୟ ସଭାପତି ବାଦଲ କୁମାର ମହାରଣା, ରାଜ୍ୟ ସଂଗଠନ ମନ୍ତ୍ରୀ ଲକ୍ଷ୍ମଣ ଦାସ ଙ୍କୁ ସଙ୍ଘ ତରଫରୁ ଉଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଏମଏନଏସ କମ୍ପାନୀର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଆସନ୍ତା ୨୦ ତାରିଖରେ ରାଜ ରାସ୍ତାକୁ ଓହ୍ଲେଇବ ପୂର୍ବ ଉପକୂଳ ଶ୍ରମିକ ସଂଘ ବୋଲି ଉକ୍ତ ସଭାର ମୁଖ୍ୟ ଉଦ୍ଦେଶ୍ୟ ।ଏଥିରେ ରାଜ୍ୟ ସଭାପତି କ୍ଷୋଭର ସହ କହିଥିଲେ ଯେ ଗତ ଦୁଇ ବର୍ଷ ହେଲା ସଙ୍ଘ ତରଫରୁ ବାରମ୍ବାର ଏଏମଏନଏସ ର କର୍ତ୍ତୃପକ୍ଷ, ଏଡିଏମ ଓ ଡିଏଲସି ଙ୍କୁ ଦାବିପତ୍ର ଦିଆଯିବା ଓ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ଏଏମଏନଏସ କର୍ତ୍ତୃପକ୍ଷ ସଙ୍ଘ ସହିତ ଶ୍ରମିକଙ୍କର ଚୁକ୍ତିନାମା କରୁନାହାନ୍ତି କ୍ଷ ପୂର୍ବ ଉପକୂଳ ସଂଘରେ ସଭ୍ୟ ଥିବା ସମସ୍ତ ଶ୍ରମିକଙ୍କ ଦାୟିତ୍ୱ ଏଥର ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ନବା ସହିତ ଆସନ୍ତା ୨୦ ତାରିଖ ସୁଦ୍ଧା ଯଦି ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷ ସଙ୍ଘ ସହିତ ଚୁକ୍ତିନାମା ନକରନ୍ତି, ତାହା ହେଲେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶ୍ରମ ମନ୍ତ୍ରୀ ଓ ଶ୍ରମ ସଚିବ ଙ୍କ ସମେତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଆସନ୍ତା ୨୦ ତାରିଖ ଦିନ ସମସ୍ତ ଶ୍ରମିକ ତାଙ୍କ ସପରିବାର ସହ ଏଏମଏନଏସ କମ୍ପାନୀର ମୁଖ୍ୟ ଫାଟକ ଆଗରେ ଅନିର୍ଦ୍ଦିଷ୍ଟ ଧାରଣା ଦିଆଯିବ ବୋଲି ଘୋଷଣା କରିଥିଲେ ।ଏହି ଅବସରରେ ବିଏମଏସ ରାଜ୍ୟ ସଭାପତି ବାଦଲ କୁମାର ମହାରଣା ନିଜ ବକ୍ତବ୍ୟରେ କହିଥିଲେ ଯେ ଗୋଟିଏ ଶ୍ରମିକ ସଙ୍ଘ ସଦସ୍ୟ ମାନଙ୍କ ସ୍ୱଳ୍ପ ଶୁଳ୍କ ରେ ଚାଲିଥାଏ ଏବଂ ଯେଉଁ ନେତା ଏହା କରିନଥାଏ ତେବେ ସେଥିରୁ ସ୍ପଷ୍ଟ ଯେ ସେ ଶିଳ୍ପାୟନ ର ଦଲାଲ ସାଜି ସେମାନଙ୍କ ଠାରୁ ମୋଟା ଅଙ୍କର କମିଶନ ଅର୍ଥ ନେଇ



ଶ୍ରମିକଙ୍କ ଭବିଷ୍ୟତ କୁ ଅନ୍ଧାରକୁ ଠେଲିଦେଇଥାଏ । ସେହିପରି ରାଜ୍ୟ ସଂଗଠନ ମନ୍ତ୍ରୀ ଲକ୍ଷ୍ମଣ କୁମାର ଦାସ କହିଥିଲେ ଯେ ଶ୍ରମିକ ମାନଙ୍କ ଚୁକ୍ତିନାମା ଏଏମଏନଏସ କର୍ତ୍ତୃପକ୍ଷ ନକରିବା ପର୍ଯ୍ୟନ୍ତ ଭାରତୀୟ ମଜଦୁର ସଙ୍ଘ ସର୍ବଭାରତୀୟ ସ୍ତରରେ ଏ ପ୍ରସଙ୍ଗ କୁ ଉଠାଇବ ଓ ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ଆଗାମୀ ଦିନରେ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ଦ୍ୱାରା ପାରାଦୀପ ଶିଳ୍ପାଞ୍ଚଳରେ ସମସ୍ତ ଶ୍ରମିକ ଉଚିତ ନ୍ୟାୟ ପାଇବା ସହିତ ଭାରତୀୟ ମଜଦୁର ସଂଘର ସଂଗଠନକୁ ଏଠାରେ ବ୍ୟାପକ କରାଯିବ କ୍ଷ ସଭାପତି ପ୍ରକାଶ ତ୍ରିପାଠୀ ଏଏମଏନଏସ ର ଶ୍ରମିକମାନଙ୍କୁ ଏକତା ବଜାୟ ରଖି ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ କ୍ଷ ଏହି ସଭାରେ ବିଏମଏସ ର ଜିଲ୍ଲା ସଭାପତି ଅବିନାଶ ଦାସ, ପୂର୍ବ ଉପକୂଳ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପସଭାପତି ରତ୍ନାକର ଜେନା ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ବଳିୟାରସିଂହ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ ।

ଧାରଣାରେ ବିଦ୍ୟୁତ ବିଭାଗର ଠିକା କର୍ମଚାରୀ

ଆଠମଲ୍ଲିକ (ମନ୍ଥନ): ଗତ କିଛି ବର୍ଷ ହେଲା ବିଦ୍ୟୁତ ସରବରାହ ଓ ପି ସି ଓ ଡ଼ି ଏଲ କାର୍ଯ୍ୟରତ ଥିବା ବେଳେ କିଛି ଦିନ ହେଲା ଠିକା କର୍ମଚାରୀ ଙ୍କ ଧାରଣା ଯୋଗୁଁ ବିଦ୍ୟୁତ ସେବା ବ୍ୟାହତ ହଉଥିବା ଦେଖା ଯାଉଛି । ରାଜ୍ୟ ସ୍ତରୀୟ ଠିକା କର୍ମଚାରୀ ଙ୍କ ଧାରଣା ୪୨ ଦିନ ହେବ ଚାଲିଥିବା ବେଳେ ତାଙ୍କର ଆହ୍ୱାନ ରେ ଆଠମଲ୍ଲିକ ସଙ୍ଘ ମଧ୍ୟ ଧାରଣା ଜାରି ରଖିଛି। ସୂଚନା ଥାଉ କି ସାତ ଜଣ ଠିକା କର୍ମଚାରୀ ଙ୍କୁ ବିନା କାରଣ ରେ ରକ୍ଷଣା ବେକ୍ଷଣ ଦାୟିତ୍ୱ ରୁ ଅପସାରଣ କରାଯାଇ ପ୍ରକଳ୍ପ କୁ ବଦଳି କରା ଯାଇଛି । ଯା ଫଳ ରେ ସ୍ୱଳ୍ପ ବେତନ ରେ ଚାକିରୀ କରୁଥିବା ଏହି ଠିକା କର୍ମଚାରୀ ମାନେ ରକ୍ଷଣା ବେକ୍ଷଣା ଦାୟିତ୍ୱ ରେ ପୁନର୍ବାର ରଖିବା କୁ ଦାବୀ କରି ଗତ ସାତ ତାରିଖ ରୁ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଜଣାପଡିଛି କ୍ଷ ବିଭାଗୀୟ ଅଧୀନ ରେ ସମୁଦାୟ ୧୩ ଟି ପଞ୍ଚାୟତ ଓ ଗୋଟିଏ ଏନ ଏ ସି ରହିଥିବା ବେଳେ କର୍ମଚାରୀ ଅଭାବ ଯୋଗୁଁ ବିନା ଘୋଷଣା ରେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ହେଉଥିବା ଉପଭୋକ୍ତା ମହଲ ରେ ଅଭିଯୋଗ ହେଉଛି । ମାତ୍ର ପାଞ୍ଚ ଜଣ କର୍ମଚାରୀ ଙ୍କୁ ନେଇ ରକ୍ଷଣା ବେକ୍ଷଣା ସହ ବିଦ୍ୟୁତ ସେବା ଯୋଗାଇ ଦିଆ ଯାଉଛି । ଆନ୍ଦୋଳନ ରତ କର୍ମଚାରୀ ଙ୍କ ମଧ୍ୟରେ ଶ୍ରୀକାନ୍ତ କୁମାର ଡାଙ୍ଗ, ରାଜେଶ କୁମାର ସିଂ ସାମନ୍ତ, ଦେବରାଜ ରଣା, ଅଜୟ କର୍ଣ୍ଣ, ସମୀର ସେଠୀ, ସୁନୀଲ କୁମାର ସାହୁ, ଚିନ୍ମୟ ନାଏକ ଙ୍କ ସମେତ ଠିକା କର୍ମଚାରୀ ଧାରଣା ରେ ବସି ରହିଛନ୍ତି ।



ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛି ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ

ବ୍ରହ୍ମପୁର,୧୦।୧୧(ମନ୍ଥନ): ବାତ୍ୟା ଓ ବନ୍ୟା ବିପନ୍ନଙ୍କ ପାଇଁ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସହାୟତାର ହାତ ବଢ଼ାଇବା ଦେଖିବାକୁ ମିଳିଛି। ଏନେଇ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ସୂଚନା ମିଳିଛି। ତେବେ ପ୍ରକାଶ ଥାଉ କି, ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ବ୍ଲକ ଅଞ୍ଚଳେ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ଦୁର୍ଦ୍ଦିନରେ ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛି ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ । ଆଜି ବ୍ୟାଙ୍କ ପକ୍ଷରୁ ଆଡପଡା ପଞ୍ଚାୟତର ମହିଗୁଡ଼ା, କଇଠପଡା ଏବଂ ଡେଙ୍ଗାଡି ଗ୍ରାମରେ ୨୦୦୦ରୁ ଉର୍ଦ୍ଧ୍ୱ ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନଙ୍କ ନେତୃତ୍ୱ ଏବଂ ବ୍ୟାଙ୍କର ସମସ୍ତ ଡାଇରେକ୍ଟରଙ୍କ ତତ୍ତ୍ୱାବଧାନରେ ଏହି ରିଲିଫ ସାମଗ୍ରୀ ସୁଚାରୁରୂପେ ବଣ୍ଟନ କରାଯାଇଥିଲା। ଏହି ସହାୟତା କାର୍ଯ୍ୟକ୍ରମରେ ବ୍ୟାଙ୍କ ଉପ ସଭାପତି ଜ୍ୟୋତି ସୁବୁଦ୍ଧି, ଲିଲି ବେହେରା, ସନାତନ ସାହୁ, ଭାଗିରଥୀ ଚୌଧୁରୀ, କୁରି ଦାସ, ପ୍ରକାଶ ମହାରଣା, ଅଞ୍ଜନା ସୁବୁଦ୍ଧି, ସରିତା ସାହୁଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ମାନେ ସାମିଲ ରହିଥିଲେ। ସେହିପରି କର୍ପୋରେଟର ଡି. କରୁଣା କର ଏବଂ ନୀଳକଣ୍ଠ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଶ୍ରୀକାନ୍ତ ପାଣିଗ୍ରାହୀ, ତିରୁପତି ସୁବୁଦ୍ଧି, ମନୋଜ ସାହୁ, ସୁଶୀଲ ସେନାପତି, ସୁବାଷ ପାତ୍ର, ବାବୁଲି ଭୂୟାଁଙ୍କ ସମେତ ତୁଳସୀ ନଗର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବ୍ୟାଙ୍କର ଏପରି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।



13001/2425/2627

Government of Odisha "e" Procurement Notice

Bid Identification No.45 /2026-27

1.	Name of the work	:	01 No. of work
2.	Estimated cost	:	34.96 Lakh.
3.	Period of completion	:	Three months.
4.	Date & Time of availability of bid document in the portal	:	From 11.00 AM. of 11.11.2026 to 5.00 PM of 25.11.2026
5.	Last date / time for receipt of bids in the portal	:	5.00 PM of 25.11.2026
6.	Name and address of the Officer inviting Bid	:	Executive Engineer, P.H. Division, Bhubaneswar

Further details can be seen from e-procurement portal in the Website (http://tendersorissa.gov.in)

Executive Engineer,
P.H. Division, Bhubaneswar

OIPR-13001/13205/1/26-27/0017

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ